Postal Reg. No.GDP-40/2017-2019

بِسۡمِ اللّٰہِ الرَّحۡمٰنِ الرَّحِیۡمِ     نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ     وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 2

ବାର୍ଷିକ ଦେୟ: ୩୦୦/-

ସାପ୍ତାହିକ

# ବଦର

The Weekly କାଦିଆନ
BADAR Qadian
ODIA

ସଂଖ୍ୟା 17

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

ଗୁରୁବାର 27 ଏପ୍ରିଲ୍ 2017   27 ଶାହାଦତ୍ 1396 ହି.ଶ   29 ରଜବ୍ 1438 ହି.କ

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ ଅ.ବ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର ଅ.ବ ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର ଅ.ବ ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥

**ତୁମେ ସହୃଦୟତା ସହିତ ଏବଂ ସମ୍ପୂର୍ଣ୍ଣ ସତ୍ୟତାର ସହିତ ଓ ଉତ୍ସୁକତାର ସହିତ ଅଲ୍ଲାଃଙ୍କ ବନ୍ଧୁ ହୋଇଯାଅ । ଫଳତଃ ସେ ମଧ୍ୟ ତୁମର ବନ୍ଧୁ ହୋଇଯିବେ ।**

**ତୁମେ ତୁମ ଅଧିନସ୍ଥ କର୍ମଚାରୀଙ୍କ ଉପରେ ଏବଂ ନିଜ ସ୍ତ୍ରୀ ମାନଙ୍କ ଉପରେ ଓ ନିଜ ଗରିବ ଭାଇମାନଙ୍କ ଉପରେ ଦୟାକର ।**

**ଯଦ୍ୱାରା ଆକାଶରେ ତୁମ ଉପରେ ମଧ୍ୟ ଦୟା କରାଯିବ । ଯଦି କାହାକୁ ସାମର୍ଥ୍ୟ ଅଛି ତେବେ ତଓ୍ୱକୁଲ୍ (ଅଲ୍ଲାଃଙ୍କ ଉପରେ ସମ୍ପୂର୍ଣ୍ଣ ଭରଷା ରଖିବା) ର ସ୍ଥାନ ସବୁ ସ୍ଥାନଠାରୁ ଅଧିକ ଅଟେ ।**

## ହଜରତ ମସିହ ମଉଦ ଆ.ସ ଙ୍କ ନୀତି ବାଣୀ

ଦୁରାଚାରୀ ଅଲ୍ଲାଃଙ୍କ ସାନିଧ୍ୟ ହାସଲ କରିପାରିବ ନାହିଁ । ଗର୍ବୀ ତାର ସାନିଧ୍ୟ ହାସଲ କରିପାରିବ ନାହିଁ । ଜାଲିଲ୍ (ଅତ୍ୟାଚାରୀ) ତାର ସାନିଧ୍ୟ ହାସଲ କରିପାରିବ ନାହିଁ । ଖାଏନ୍ (କପଟି) ତାର ସାନିଧ୍ୟ ହାସଲ କରିପାରିବ ନାହିଁ । ଏବଂ ଏପରି ପ୍ରତ୍ୟେକ ଯେଉଁମାନେ ତାର ନା ପାଇଁ ସ୍ୱାଭିମାନୀ ନୁହଁନ୍ତି ତାର ସାନିଧ ହାସଲ କରିପାରିବ ନାହିଁ । ଯେଉଁମାନେ ଦୁନିଆ ଉପରେ ଶ୍ୱାନ, ପିମ୍ପୁଡ଼ି ବା ଗିର୍ଧୀନୀଙ୍କ ପରି ପଡୁଛନ୍ତି ଏବଂ ଦୁନିଆଠାରୁ ଆରାମ ପାଉଛନ୍ତି ସେମାନେ ତାର ସାନିଧ୍ୟ ହାସଲ କରିପାରିବେ ନାହିଁ । ପ୍ରତ୍ୟେକ ଅପବିତ୍ର ଆଖି ତା ଠାରୁ ଦୂରରେ, ପ୍ରତ୍ୟେକ ଅପବିତ୍ର ଆତ୍ମା (ହୃଦୟ) ତାଠାରୁ ଅପହଂଚ । ସେ ଯିଏ ତା ପାଇଁ ନିଆଁରେ ଅଛି ସେ ନିଆଁରୁ ବଂଚିବେ । ସେ ଯିଏ ତା ପାଇଁ କାନ୍ଦୁଛି ସେ ହସିବ । ସେ ଯିଏ ତାପାଇଁ ଦୁନିଆର ସମ୍ପର୍କକୁ ତୁଟାଉଛି ତାହା ତାକୁ ମିଳିବ । ତୁମ ସହୃଦୟର ସହିତ ଏବଂ ସମ୍ପୂର୍ଣ୍ଣ ସତ୍ୟତାର ସହିତ ଓ ପ୍ରବଳ ଉତ୍ସାହିତ ହୋଇ ଅଲ୍ଲାଃଙ୍କ ବନ୍ଧୁ ହୋଇଯାଅ । ଯଦ୍ୱାରା ସେ ମଧ୍ୟ ତୁମର ବନ୍ଧୁ ହୋଇଯିବେ । ତୁମେ ତୁମ ଅଧିନସ୍ଥଙ୍କ ଉପରେ ଓ ନିଜ ସ୍ତ୍ରୀ ମାନଙ୍କ ଉପରେ ଓ ନିଜ ଗରୀବ ଭାଇଙ୍କ ଉପରେ ଦୟା କର ଯଦ୍ୱାରା ଆକାଶରେ ତୁମ ଉପରେ ମଧ୍ୟ ଦୟା କରାଯିବ । ତୁମେ ସତସତିକିଆ ତାର ହୋଇଯାଅ । ଯାହା ଫଳରେ ସେ ମଧ୍ୟ ତୁମର ହୋଇଯିବ । ଏ ଦୁନିଆ ହଜାର ବିପତିର ସ୍ଥାନ ଅଟେ । ଯାହାଙ୍କ ମଧ୍ୟରୁ ଗୋଟିଏ ତାଉନ (ପ୍ଲେଗ୍) ଅଟେ । ତେଣୁ ତୁମେ ଅଲ୍ଲାଃଙ୍କ ସହିତ ସତ୍ୟନିଷ୍ଠ ସମ୍ପର୍କ ରଖ । ଫଳତଃ ସେ ଉକ୍ତ ବିପତିକୁ ତୁମଠାରୁ ଦୂରେଇ ନେବେ । ଯେପର୍ଯ୍ୟନ୍ତ ଆକାଶରୁ ନିର୍ଦ୍ଦେଶ ନ ଆସିଛି ସେ ପର୍ଯ୍ୟନ୍ତ କୌଣସି ବିପତି ପୃଥିବୀରେ ଜନ୍ମ ନିଏନାହିଁ । ଯେ ପର୍ଯ୍ୟନ୍ତ ଆକାଶରୁ ଦୟା ଅବତୀର୍ଣ୍ଣ ନ ହୋଇଛି ସେ ପର୍ଯ୍ୟନ୍ତ କୌଣସି ବିପତି ଦୂର ହୁଏନାହିଁ । ତେଣୁ ତୁମର ବିଜ୍ଞତା ସେଥିରେ ଅଛି ଯେ ତୁମେ ମୂଳକୁ ଧର ଡାଳକୁ ନୁହେଁ । ତୁମକୁ ଔଷଧ ଓ ତଦ୍‌ବିର୍ (ଉପାୟ ଗ୍ରହଣ) କରିବା ପାଇଁ ମନା ନାହିଁ । କିନ୍ତୁ ତା ଉପରେ ଭରଷା କରିବା ପାଇଁ ମନା । ପରିଶେଷର ତାହା ହିଁ ହେବ ଯାହା ଅଲ୍ଲାଃ ଚାହୁଁଛନ୍ତି । ଯଦି କାହା ପାଇଁ ସମ୍ଭବ ତେବେ ତଓ୍ୱକଲ୍ (ଅଲ୍ଲାଃଙ୍କ ଉପରେ ସମ୍ପୂର୍ଣ୍ଣ ଭରଷା ରଖିବା)ର ସ୍ଥାନ ସବୁଠାରୁ ଅଧିକ । ତୁମପାଇଁ ଏକ ଜରୁରୀ ଶିକ୍ଷା ଏହ ଅଟେ ଯେ ପବିତ୍ର କୋରାନ୍‌କୁ ପରିତ୍ୟକ୍ତ ଅବସ୍ଥାରେ ଛାଡ଼ନାହିଁ । ତୁମର ଜୀବନ ତାହା ସହିତ ଜଡ଼ିତ । ଯେଉଁ ଲୋକମାନେ ପବିତ୍ର କୋରାନ୍‌କୁ ସମ୍ମାନ ଦେବେ ସେ ଆକାଶରେ ସମ୍ମାନିତ ହେବେ । ଯେଉଁମାନେ ପ୍ରତ୍ୟେକ ହଦିସ୍ ଏବଂ ପ୍ରତ୍ୟେକ କଥା ଉପରେ କୋରାନ୍‌କୁ ପ୍ରାଥମିକତା ଦେବେ ସେମାନଙ୍କୁ ଆକାଶରେ ପ୍ରାଥମିକତା ଦିଆଯିବ । ମାନବ ଜାତି ପାଇଁ ମହିମଣ୍ଡଳରେ ବର୍ତ୍ତମାନ ପବିତ୍ର

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

କୋରାନ୍ ବ୍ୟତୀତ କୌଣସି ପୁସ୍ତକ ନାହିଁ ଏବଂ ସମସ୍ତ ମାନବ ଜାତି ପାଇଁ ମୁହମ୍ମଦ୍ ସ:ଆ:ସଙ୍କ ବ୍ୟତୀତ ବର୍ତମାନ କୌଣସି ରସୁଲ୍ ଓ ଶଫି (ସୁପାରିସ କରିବା ବ୍ୟକ୍ତି) ନାହାଁନ୍ତି । ତେଣୁ ତୁମେ ଚେଷ୍ଟା କର ଯେ ପ୍ରକୃତ ଓ ସତ୍ୟନିଷ୍ଠ ପ୍ରେମ ସେହି ମର୍ଯ୍ୟାଦା ସମ୍ପନ୍ନ ଓ ପ୍ରତାପି ନବୀଙ୍କ ସହିତ ହୋଇଯାଉ । ଏବଂ ଅନ୍ୟ କାହାକୁ ତାଙ୍କ ଉପରେ କୌଣସି ପ୍ରକାରର ବଡେଇ ଦିଅନାହିଁ । ଫଳତଃ ଆକାଶରେ ତୁମର ନାମ ନଜାତ୍ ୟାଫ୍ତା (ମୋକ୍ଷପ୍ରାପ୍ତ) ଲେଖାଯିବ । ମନେରଖ ମୋକ୍ଷ ତାହାନୁହେଁ ଯାହା ମରିବା ପରେ ପ୍ରକଟ ହେବ । ବରଂ ବାସ୍ତବିକ୍ ମୋକ୍ଷ ତାହା ଅଟେ ଯାହା ଏହି ଦୁନିଆରେ ନିଜର ଜ୍ୟୋତି ପ୍ରକଟିତ କରିଥାଏ । ନଜାତ୍ ୟାଫ୍ତା (ମୋକ୍ଷପ୍ରାପ୍ତ ବ୍ୟକ୍ତି) କିଏ ? ସେ ଯିଏ ବିଶ୍ୱାସ ରଖେ ସେ ଅଲ୍ଲାଃତାଲା ସତ୍ୟ ଅଟନ୍ତି ଏବଂ ମୁହମ୍ମଦ୍ ସ:ଆ:ସ ଅଲ୍ଲାଃଙ୍କ ସବୁ ସୃଷ୍ଟଜଙ୍କ ମଧ୍ୟରେ ଶଫି (ସୁପାରିଶ୍ କର୍ତା) ଅଟନ୍ତି । ଆକାଶ ତଳେ ତାଙ୍କ ସମକକ୍ଷ ଆଉ କୌଣସି ରସୁଲ୍ ନାହାଁନ୍ତି ନା ପବିତ୍ର କୋରାନ୍‌ର ସମକକ୍ଷ କୌଣସି ପୁସ୍ତକ ଅଛି । ଅଲ୍ଲାଃତାଲା କାହାପାଇଁ ଚାହିଁଲେ ନାହିଁ ଯେ ସେ ସର୍ବଦା ଜିବୀତ ରହୁ । କିନ୍ତୁ ଏହି ସର୍ବଶ୍ରେଷ୍ଠ ନବୀ ସବୁବେଳ ପାଇଁ ଜିବତୀ ଅଛନ୍ତି । ଏବଂ ତାଙ୍କର ସର୍ବଦା ଜିବୀତ ରହିବା ପାଇଁ ଅଲ୍ଲାଃତାଲା ଏପରି ମୂଳଦୁଆ ରଖିଛନ୍ତି ଯେ ତାଙ୍କ ଶରିୟତ୍‌ର ଅନୁଗଅହ ଓ ଆଧାତ୍ମିକତାକୁ କୟାମତ୍ (ପ୍ରଳୟ) ପର୍ଯ୍ୟନ୍ତ ଜାରି ରଖିଛନ୍ତି । ଏବଂ ପରିଶେଷରେ ତାଙ୍କର ଆଧାତ୍ମିକ ଅନୁଗ୍ରହ ଦ୍ୱାରା ସେ ଏହି ମସିହ୍ ମଉଦ୍‌କୁ ଦୁନିଆରେ ପ୍ରେରଣ କଲା । ଯାହାଙ୍କ ଆଗମନ ଇସ୍‌ଲାମୀୟ ଭବନର ସମ୍ପୂର୍ଣ୍ଣତା ପାଇଁ ଜରୁରୀ ଥିଲା । କାରଣ ଏହା ନିଶ୍ଚିତ ଥିଲା ଯେ ଏ ସଂସାର ସେ ପର୍ଯ୍ୟନ୍ତ ଶେଷ ହେବ ନାହିଁ ଯେ ପର୍ଯ୍ୟନ୍ତ ମୁହମ୍ମଦି ସିଲ୍‌ସିଲା (ସମ୍ପ୍ରଦାୟ)ରେ ଜଣେ ଆଧାତ୍ମିକ ମସିହ୍ ନ ଦିଆଯାଇଛି, ଯେପରି ମୁସ୍‌ୱି ସିଲ୍‌ସିଲାରେ ଦିଆଯାଇଥିଲା । ଏଥିପ୍ରତି ଏହି ଆୟତ ଇଙ୍ଗିତ କରୁଛି ଯେ ଏହେଦେନସ୍ ସେରାତଲ୍ ମୁସ୍ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଆଲୈହିମ୍ । ମୁସା ଆ:ସ ସେହି ସମ୍ପତି ପାଇଲେ ଯାହାକୁ କୁରୁନେ ଉଲା (ତାଙ୍କ ପୂର୍ବପୁରୁଷମାନେ) ହଜାଇ ଦେଇଥିଲେ ଏବଂ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ସେ ସମ୍ପତି ପାଇଲେ ଯାହାଙ୍କୁ ମୁସାଙ୍କ ସିଲ୍‌ସିଲା ହଜାଇ ଦେଇଥିଲେ । ଏବେ ମୁହମ୍ମଦି ସିଲ୍‌ସିଲା ମୁସ୍‌ୱି ସିଲ୍‌ସିଲାର ପ୍ରତିନିଧି ଅଟେ । କିନ୍ତୁ ଗୌରବରେ ହଜାର ଗୁଣ ଅଧିକା । ମସିଲେ ମୁସା (ମୁସାଙ୍କ ସଦୃଶ), ମୁସାଙ୍କଠାରୁ ଅଧିକ ଏବଂ ମସିଲେ ଇବ୍‌ନେ ମରିୟମ୍, ଇବ୍‌ନେ ମରିୟମ୍ (ହଜ୍‌ରତ୍ ଇସା) ଙ୍କ ଠାରୁ ଅଧିକ । ଏବଂ ସେହି ମସିହ୍ ମଉଦ୍ ନା କେବଳ ସମୟ ଅବଧି ମୁତାବକ ଆଁ ହଜ୍‌ରତ୍ ସ:ଆ:ସଙ୍କ ପରେ ୧୪ ସଦିରେ ପ୍ରକଟ ହେଲା ଯେପରି ମସିହ୍ ଇବ୍‌ନେ ମରିୟମ୍ ମୁସାଙ୍କ ପରେ ୧୪ ସଦିରେ ପ୍ରକଟ ହୋଇଥିଲେ ବରଂ ସେ ଏପରି ସମୟରେ ଆସିଲେ ଯେତେବେଳେ ମୁସଲ୍‌ମାନ୍ ମାନଙ୍କର ଏପରି ଅବସ୍ଥା ଥିଲା ଯେପରି ମସିହ୍ ଇବ୍‌ନେ ମରିୟମ୍‌ଙ୍କ ଆବିର୍ଭାବ ସମୟରେ ୟୁହୁଦି ମାନଙ୍କର ଅବସ୍ଥା ଥିଲା । ତେବେ ସେ ମୁଁ ହିଁ ଅଟେ ।

**(କଶ୍‌ତିନୁହ୍, ରୁହାନି ଖଜାଏନ୍ ଖଣ୍ଡ-୧୯, ପୃଷ୍ଠା-୧୩-୧୪)**

*ପୃଷ୍ଠା-୭ ର ଅବଶିଷ୍ଟାଂଶ.....*

ସେମାନେ ତାଙ୍କର ପିଲାମାନଙ୍କୁ ମଧ୍ୟ ଏହି ଟ୍ରେନିଂ ଦେବେ ।

ହଜୁର୍ ଅନୁଓ୍ୱର୍ କହିଲେ ୟୁରୋପ ଦେଶଗୁଡିକ ଇସ୍‌ଲାମୀ ଦୁନିଆର ନିକଟତର ଥିବା ଯୋଗୁଁ ୟୁରୋପ୍‌ରେ ସନ୍ତ୍ରାସବାଦ ଆସିବା ବଡ଼ ବିପଦ ଅଟେ । ବରଂ ବହୁତ ଗୁଡିକ ଘଟଣା ଏପରି ହୋଇଗଲାଣି ମଧ୍ୟ । ୟୁରୋପ ଅପେକ୍ଷା ଆପଣମାନେ କାନାଡ଼ାବାସୀ ମୁସଲ୍‌ମାନ ଦେଶମାନଙ୍କଠାରୁ ଦୂରରେ ତ ଅଛ କିନ୍ତୁ ଆପଣଙ୍କୁ ଏହା ଭାବିବା ଉଚିତ୍ ନୁହେଁ ଯେ ଆମେ ସୁରକ୍ଷିତ ଅଛୁ । ଏଠି ମଧ୍ୟ ସନ୍ତ୍ରାସବାଦ ସଂଗଠନ ବିପଦରେ ପକାଇପାରନ୍ତି ।

ଏଥିରେ ପ୍ରଧାନମନ୍ତ୍ରୀ କହିଲେ ହଜୁର୍ ବିଲ୍‌କୁଲ୍ ଠିକ୍ କହୁଛନ୍ତି । ରେଡି କ୍ଲାଇଜେସନ୍ ଏବଂ କଠୋରପନ୍ଥୀଙ୍କୁ ନିଃଶେଷ କରିବା ପାଇଁ ଆମ ସମସ୍ତଙ୍କୁ ମିଳିମିଶି ଏକତ୍ର କାମ କରିବାକୁ ହେବ ।

ହଜୁର୍ ଅନୁଓ୍ୱର୍ କହିଲେ ଯଦି ମୁସଲ୍‌ମାନମାନେ ନିଜର ବାସ୍ତବିକ ଶିକ୍ଷା ଉପରେ ଅମଳ କରିବେ ତେବେ ସେମାନେ କଦାପି ସନ୍ତ୍ରାସବାଦୀ ହେବେନାହିଁ । କାରଣ ଇସ୍‌ଲାମ୍‌ର ପ୍ରତିଷ୍ଠାତା ଆଁ ହଜ୍‌ରତ୍ ସ:ଆ:ସ କହିଛନ୍ତି-''ହୁବୁଲ୍ ଓ୍ୱତନେ ମେନଲ୍ ଇମାନ୍'' । ଅର୍ଥାତ୍ ଦେଶପ୍ରେମ ଇମାନ୍‌ର ଅଂଶବିଶେଷ । ଯଦି ନିଜ ଦେଶ ସହିତ ପ୍ରେମ ଥିବ ତେବେ ଆପଣଙ୍କର ପ୍ରତ୍ୟେକ ଚେଷ୍ଟା ଦେଶର ଉନ୍ନତି ପାଇଁ ହେବ । ହଜୁର୍ ଅନୁଓ୍ୱର କହିଲେ ତେଣୁ ଏଥିପାଇଁ ଆମେ ଅହେମଦୀ ଏହା ଦାବି କରୁଛୁ ଯେ ଆମ ଲୋକମାନେ ରେଡ଼ି କ୍ଲାଇଜେସନ୍ ହେବେନାହିଁ । କାରଣ ଆମେ ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷା ଉପରେ ଅମଳ କରୁଛୁ ।

ପ୍ରଧାନମନ୍ତ୍ରୀ ପରିଶେଷରେ ପୁଣି ଦ୍ୱିତୀୟବାର ହଜୁର ଅନୁଓ୍ୱରଙ୍କୁ ଧନ୍ୟବାଦ ଅର୍ପଣ କଲେ । କାନାଡ଼ାର ପ୍ରଧାନମନ୍ତ୍ରୀ ଏବଂ ତାଙ୍କ ମନ୍ତ୍ରୀ ମଣ୍ଡଳର ଛଅ ଜଣ ମିନିଷ୍ଟର ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ଏହି ସାକ୍ଷାତ୍‌କାର୍ ଘ.୪:୩୫ମି. ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ପ୍ରୋଗ୍ରାମ୍ ମୁତାବକ ହଜୁର୍ ଅନୁଓ୍ୱର୍ ଅ:ବ:ଅ ପାର୍ଲିଆମେଂଟ୍ ହିଲ୍‌ଠାରୁ ହୋଟେଲ୍ Fairmont Chatfau Laurier କୁ ଆସିଲେ । ଏହି ହୋଟେଲ୍ ପାର୍ଲିଆମେଂଟ୍‌ଠାରୁ ୫ ମିନିଟ୍‌ର ରାସ୍ତା । ପ୍ରୋଗ୍ରାମ୍ ମୁତାବକ ଏଠାରେ କିଛି ସମୟ ଅସ୍ଥାୟୀରୂପେ ବିଶ୍ରାମର ବ୍ୟବସ୍ଥା ଥିଲା । ଏହାପରେ ପୁଣି ଦ୍ୱିତୀୟବାର ପାର୍ଲିଆମେଂଟ୍ ହିଲ୍ ଯିବାର ଥିଲା । ଯେଉଁଠି Sir John A Macdonald Hall ରେ ହଜୁର୍ ଅନୁଓ୍ୱର୍‌ଙ୍କର ସମ୍ମାନରେ ଗୋଟିଏ ସଭାର ଆୟୋଜନ କରାଯାଇଥିଲା । ପ୍ରୋଗ୍ରାମ୍ ମୁତାବକ ଘ୬:୩୦ମି.ରେ ହଜୁର୍ ଅନୁଓ୍ୱର୍ ପାର୍ଲିଆମେଂଟ୍ ହିଲ୍ ପାଇଁ ବାହାରିଲେ ଏବଂ ଘ୬:୩୫ମି.ରେ Sir John A Macdonald Hall ରେ ହଜୁର୍ ଅନୁଓ୍ୱର୍ ପ୍ରବେଶ କଲେ । ହଜୁର୍ ଅନୁଓ୍ୱରଙ୍କର ଆଗମନ ପୂର୍ବରୁ ଆଜିର ଏହି ମହତ୍ୱପୂର୍ଣ୍ଣ ସଭାରେ ସାମିଲ୍ ହୋଇଥିବା ସମସ୍ତ ଅତିଥିଗଣ ନିଜ ନିଜ ସ୍ଥାନରେ ବସିଯାଇଥିଲେ ।

ଆଜିର ଏହି ସଭାରେ ସାମିଲ୍ ହୋଇଥିବା ଅତିଥିବୃନ୍ଦଙ୍କ ମଧ୍ୟରୁ କାନାଡ଼ା ସରକାରଙ୍କ ୬ ଜଣ ମିନିଷ୍ଟର୍, ୫୭ ଜଣ ପାର୍ଲିଆମେଂଟ୍ ମେମ୍ବର୍, ୧୧ଟି ଦେଶର ଆମ୍ବାସେଡର୍ ଜର୍ମାନୀ, ଜାମାଇକା, ଇଣ୍ଡିଆ, ପେରୁ, ଶ୍ରୀଲଙ୍କା, ଇସ୍ରାଇଲ୍, ହଲାଣ୍ଡ୍, କଜାକ୍‌ସ୍ତାନ୍, ଅଙ୍ଗୋଲା, କ୍ରୋରୋସିଆ ଏବଂ ଭିନେଜିଓଲା । ଏତଦ୍‌ବ୍ୟତୀତ୍ ୟୁ.ଏସ୍.ଏ ଆମ୍ବାସିର ପ୍ରଥମ ସେକ୍ରେଟେରୀ ଓ ଲିବିୟା ଆମ୍ବାସିର ପ୍ରତିନିଧି ସାମିଲ୍ ଥିଲେ ।

ଓଂଟାରିଓ ପ୍ରଦେଶର ଜଣେ ମିନିଷ୍ଟର୍ ମଧ୍ୟ ସାମିଲ୍ ଥିଲେ । ଏତଦ୍ ଭିନ୍ନ ୩୦ ରୁ ଅଧିକ ମହତ୍ୱପୂର୍ଣ୍ଣ ବ୍ୟକ୍ତିବିଶେଷ ସାମିଲ୍ ହୋଇଥିଲେ । ଯାହାଙ୍କ ମଧ୍ୟରୁ ଚିଫ୍ ଅଫ୍ ଷ୍ଟାଫ୍ ଫର୍ ମିନିଷ୍ଟର୍‌ସ, ଡ଼ାଇରେକ୍ଟର୍ ଏଓ୍ୱେନ୍‌ଜିଲିକଲ୍ ଫିଲୋସିପ୍, ଚିଫ୍ କମୁନିକେଶନ୍ ଅଫିସର୍ ଅଫ୍ କାନାଡ଼ିଆନ୍ ରେଡ଼୍‌କ୍ରସ୍, ଆସିଷ୍ଟାଂଟ୍ କମିଶନର୍ ଆର୍.ସି.ଏମ୍.ପି, ପ୍ରଫେସର୍ ଜାଏଣ୍ଟ୍ ଡେ଼ନିସ୍ ଆଣ୍ଡ୍ ଭାଇସ୍ ପ୍ରେସିଡେଂଟ୍ ଅଫ୍ ୟୁନିଭର୍‌ସିଟି ଅଫ୍ ଓଟାଓ୍ୱା ଆଣ୍ଡ୍ କାର୍ଲଟନ୍ ୟୁନିଭର୍‌ସିଟି, ଡ଼ାଇରେକ୍ଟର୍ ନ୍ୟାସନାଲ୍ କାନାଡ଼ିଆନ୍ କାଉନ୍‌ସିଲ୍ ଫର୍ ମୁସ୍‌ଲିମ୍‌ସ, ପ୍ରେସିଡେ଼ଂଟ୍ ଅଫ୍ ପ୍ରୋଗ୍ରେସିଭ୍ ମୁସ୍‌ଲିମ୍ କାନାଡ଼ା, ହ୍ୟୁମାନ୍ ରାଇଟ୍‌ସ ଅଫ୍ କାନାଡ଼ାର ପ୍ରତିନିଧିମାନେ, ରିଲିଜିଅସ୍ ଫ୍ରଡ଼ମ୍ ଆଣ୍ଡ୍ ଏନ୍‌କ୍ଲୋଜନ୍, ଇଣ୍ଡୋ କାନାଡ଼ିଆନ୍ ବିଜ୍‌ନେସ୍ ଚ୍ୟାମ୍ବର୍, ୟୁ.ଏସ୍ ଗର୍‌ମେଂଟ୍ ୟୁ.ଏସ୍.ସି.ଆଇ.ଆର୍.ଏଫ୍ କାର୍ଯ୍ୟାଳୟ ପ୍ରତିନିଧି ଓ ଥ୍ୟାଙ୍କ୍ ଟ୍ୟାଙ୍କ୍ ମେମ୍ବର୍ ଗଣ ।

ଏ ସମସ୍ତ ଲୋକମାନେ ନିଜ ନିଜ ଜାଗାରେ ବସି ରହିଥିଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ଜନ୍ ମ୍ୟାକ୍‌ଡୋନାଲ୍‌ଡ଼ ହଲ୍‌ରେ ପଦାର୍ପଣ କରିବା ପରେ ଷ୍ଟେଜ୍ ଉପରେ ଉପନୀତ ହେଲେ । କ୍ରମଶଃ.....

# ଖୁତ୍‌ବା ଜୁମା

◆ ଜମାଅତ ଅହେମଦିୟା ଇତିହାସରେ ଏହି ଦିବସଟିର ବେଶ୍ ମହତ୍ୱ ରହିଛି । କାରଣ ଏହି ଦିନ ହଜରତ ମିର୍ଜା ଗୁଲାମ ଅହେମଦ କାଦିଆନୀ ଆ.ସ ବୟତ ନେଇ ଜମାଅତର ରୀତିମତ ସ୍ଥାପନ କରିଥିଲେ । ଆପଣ କୁହନ୍ତି- ହଜରତ ମହମ୍ମଦ ସ.ଆ ଯେଉଁ ପ୍ରତିଶୃତ ମସିହ ଓ ମେହଦିଙ୍କ ଆଗମନର ସୁସମ୍ବାଦ ଦେଇଥିଲେ ସେ ମୁଁ ଅଟେ ଏବଂ ମୁଁ ଏକେଶ୍ୱରବାଦର ପ୍ରତିଷ୍ଠା କରି ଲୋକମାନଙ୍କ ହୃଦୟରେ ଈଶ୍ୱର ପ୍ରେମ ଉତ୍ପନ୍ନ କରିବା ନିମନ୍ତେ ପ୍ରେରିତ । ଆପଣ ଆହୁରି କୁହନ୍ତି ବର୍ତମାନ ଅଲ୍ଲାଃଙ୍କ ଇଚ୍ଛା ଏହି କି ଯେ ବିଶ୍ୱର ବିଭିନ୍ନ ସ୍ଥାନରେ ଯେପରିକି ୟୁରୋପ, ଏସିଆ ଆଦି ଦେଶମାନଙ୍କରେ ବସବାସ କରୁଥିବା ପ୍ରତ୍ୟେକ ପବିତ୍ର ହୃଦୟୀ ମନୁଷ୍ୟଙ୍କୁ ଏକେଶ୍ୱରବାଦ ଅର୍ଥାତ ଗୋଟିଏ ଧର୍ମର ଧ୍ୱଜା ତଳେ ଏକତ୍ରିତ କରିଦେବା । ସୁତରାଂ ତୁମେମାନେ ଏହି ଉଦ୍ଦେଶ୍ୟ ପୂରଣ କରିବାରେ ନମ୍ର, ଉତମ ବ୍ୟବହାର ଓ ଦୁଆ କରିବାରେ ଲାଗିପଡ଼ ।

◆ ଇସଲାମର ସୌନ୍ଦର୍ଯ୍ୟକୁ ସଂସାରବାସୀଙ୍କ ସମ୍ମୁଖରେ ଉପସ୍ଥାପନ କରିବା ଆମ୍ଭର କର୍ତବ୍ୟ । ଅଲ୍ଲାଃତାଲା ହଜରତ ମସିହ ମଉଦ ଆ.ସଙ୍କୁ ପ୍ରେରଣ କରିବାର ଉଦ୍ଦେଶ୍ୟ ଆପଣଙ୍କ ମାଧ୍ୟମରେ ଇସଲାମର ପ୍ରଚାର ପ୍ରସାର କରି ଆପଣଙ୍କୁ କୃତକାର୍ଯ୍ୟ କରିବା ଥିଲା ।

◆ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି: ଯଦି ତୁମେ ଈଶ୍ୱରଙ୍କର ହୋଇଯାଅ ତେବେ ଜାଣିରଖ ଯେ ଅଲ୍ଲାଃ ତୁମର ଅଟନ୍ତି । ତୁମେ ସୟନ କରୁଥିବ ସେ ତୁମ ପାଇଁ ଜାଗି ବସିଥିବେ । ତୁମେ ଶତ୍ରୁଠାରୁ ଅଜଣା ଥିବ କିନ୍ତୁ ଅଲ୍ଲାଃ ତାହା ଉପରେ ନଜର ରଖିଥିବେ ଏବଂ ତାହାର ସମସ୍ତ ଯୋଜନା ପଣ୍ଡ କରିଦେବେ । ତୁମେ ଏପର୍ଯ୍ୟନ୍ତ ସୁଧା ଜାଣି ନାହଁ ଯେ ତୁମ ଅଲ୍ଲାଃ କେଉଁ କେଉଁ ଶକ୍ତିର ଅଧିକାରୀ । ଯଦି ତୁମେ ଜାଣିନିଅ ତେବେ ତୁମେ ଗୋଟିଏ ଦିନ ମଧ୍ୟ ସଂସାର ପ୍ରାପ୍ତିରେ ଅତିବାହିତ କରିବ ନାହିଁ । ସୁତରାଂ ଏହି ସମ୍ପର୍କ ଆମ୍ଭକୁ ଅଲ୍ଲାଃଙ୍କ ସହ ସ୍ଥାପନ କରିବାକୁ ଚେଷ୍ଟା କରିବା ଉଚିତ୍ । ଯାହାକି ଆପଣ ନିଜ ମାନ୍ୟକାରୀଙ୍କ ଠାରୁ ଆଶା ବାନ୍ଧିଛନ୍ତି । ଆପଣ କୁହନ୍ତି- **ଯଦି ତୁମର ଦୃଷ୍ଟି ଶକ୍ତି ଅଛି ତେବେ ତୁମେ ଦେଖିପାରିବ ଯେ, ପ୍ରତ୍ୟେକ ସ୍ଥାନରେ ଅଲ୍ଲାଃ ହିଁ ବିଦ୍ୟମାନ, ବାକି ସବୁକିଛି ତୁଚ୍ଛ** ।

◆ ଇସଲାମ ବିରୋଧିମାନେ ହଜରତ ମହମ୍ମଦ ସ.ଆଙ୍କ ସମ୍ବନ୍ଧରେ ଯେଉଁ ଥଟ୍ଟା ପରିହାସ କରନ୍ତି ସେଥିରେ ହଜୁର ଆ.ସ ନିଜ ବେଦନା ପ୍ରକାଶ କରି କୁହନ୍ତି- ମୋ ହୃଦୟକୁ କଦାପି କୌଣସି ଘଟଣା ଏପରି କଷ୍ଟ ଦେଇନଥାଏ ଯେପରିକି ବିରୋଧିମାନଙ୍କର ଆମ ପ୍ରିୟ ହଜୁର ସ.ଆଙ୍କ ସମ୍ବନ୍ଧରେ ଥଟ୍ଟା ପରିହାସ ଦ୍ୱାରା ହୋଇଥାଏ । ସେମାନଙ୍କର ହୃଦୟ ବିଦାରକ କଷ୍ଟ ଯାହାକି ସେମାନେ ଉତମ ପୁରୁଷ ହଜରତ ମହମ୍ମଦ ସ.ଆଙ୍କ ସମ୍ବନ୍ଧରେ କରିବା ଦ୍ୱାରା ଆମ ହୃଦୟ କ୍ଷତ ବିକ୍ଷତ ହୋଇଥାଏ । ମୁଁ ଅଲ୍ଲାଃଙ୍କ ଶପଥ କରି କହୁଅଛି ଯଦି ମୋର ସମସ୍ତ ସନ୍ତାନ, ସନ୍ତାନଙ୍କ ସନ୍ତାନ, ମୋର ସମସ୍ତ ସାଥି ତଥା ସାହାର୍ଯ୍ୟକାରୀମାନଙ୍କୁ ମୋ ସମ୍ମୁଖରେ ହତ୍ୟା କରିଦିଆଯାଏ ଏବଂ ସ୍ୱୟଂ ମୋ ହାତ ଗୋଡ଼ କାଟି ଦିଆଯାଏ, ମୋ ଆଖିର ପିତୁଳା କାଢି ଫିଙ୍ଗି ଦିଆଯାଏ ଏବଂ ମୋର ସମସ୍ତ ଆଶା ଆକାଂକ୍ଷାରୁ ମୁଁ ବଂଚିତ କରିଦିଆଯାଏ, ମୁଁ ନିଜର ସମସ୍ତ ଆନନ୍ଦ ଓ ଆରାମରୁ ବଂଚିତ କରିଦିଆଯାଏ ତଥାପି ମଧ୍ୟ ଏସବୁକିଛି ମୁକାବିଲାରେ ମୋତେ ଅଧିକ କଷ୍ଟ ହଜୁର ସ.ଆଙ୍କ ସମ୍ବନ୍ଧରେ ଅସଭ୍ୟ ଆଚରଣ କରିବା ଦ୍ୱାରା ହୋଇଥାଏ ।

◆ ସୁତରାଂ ଆପଣଙ୍କର ଏ ସମସ୍ତ କାର୍ଯ୍ୟ ଅଲ୍ଲାଃଙ୍କ ଅନ୍ତିମ ଧର୍ମକୁ ଶ୍ରେଷ୍ଠ ଓ ସମ୍ପୂର୍ଣ୍ଣ ଧର୍ମ ପ୍ରମାଣିତ କରିବା ଉଦ୍ଦେଶ୍ୟରେ ଥିଲା ଏବଂ ହଜରତ ମହମ୍ମଦ ସ.ଆଙ୍କ ସହ ଭଲପାଇବା ଯୋଗୁଁ ଏହି ଆସନ ପ୍ରାପ୍ତ କରିବାର ତଥ୍ୟ ପ୍ରମାଣିତ କରିବା ନିମନ୍ତେ ଥିଲା । ସଂସାରବାସୀଙ୍କୁ ଅବଗତ କରାଇବା ନିମନ୍ତେ କି ହଜୁର ସ.ଆଙ୍କ ଆସନ ହିଁ ସର୍ବ ଶ୍ରେଷ୍ଠ ଅଟେ ।

◆ ହଜୁର ଆ.ସ ଜଣେ ନିଷ୍ପାପର ଶିସ୍ୟ ଓ କୃତଜ୍ଞ କୀତଦାସ ପରି ସର୍ବଦା କୁହନ୍ତି ମୋତେ ଏସବୁ କିଛି ମୋର ଆକା ହଜରତ ମହମ୍ମଦ ସ.ଆଙ୍କ ଅସ୍ତିତ୍ୱ ଯୋଗୁଁ ଓ ଆପଣଙ୍କ ଆଜ୍ଞାକାରୀ ହେବା ଯୋଗୁଁ ପ୍ରାପ୍ତ ହୋଇଛି । ଅତଏବ ଆପଣ ଆଉ ଏକ ସ୍ଥାନରେ କୁହନ୍ତି- **ଯଦି ମୁଁ ହଜୁର ସ.ଆଙ୍କ ସମ୍ପ୍ରଦାୟ ଓ ଆପଣଙ୍କର ଆଜ୍ଞାକାରୀ ହୋଇନଥାନ୍ତି । ତେବେ ଯଦି ମୋର ଅମଳ ବିଶ୍ୱର ବଡ଼ ବଡ଼ ପାହାଡ଼ ସମତୁଲ୍ୟ ହୋଇଥାନ୍ତା, ତଥାପି ମଧ୍ୟ ମୁଁ କଦାପି ଅଲ୍ଲାଃଙ୍କ ସହ ବାର୍ତାଳାପର ଏହି ଆସନ ପ୍ରାପ୍ତ କରିପାରିନଥାନ୍ତି ।**

◆ ଗୋଟିଏ ସ୍ଥାନରେ ହଜୁର ଆ.ସ କୁହନ୍ତି ମୁଁ ସମସ୍ତ ମୁସଲମାନ, ଖ୍ରୀଷ୍ଟଧର୍ମୀ, ହିନ୍ଦୁ ଓ ଆର୍ଯ୍ୟ ସମାଜୀଙ୍କ ନିକଟରେ ପ୍ରକାଶ କରୁଅଛି ଯେ ସମଗ୍ର ବିଶ୍ୱରେ ମୋର କେହି ଶତ୍ରୁ ନାହାନ୍ତି ମୁଁ ମାନବ ଜାତିକୁ ଏଭଳି ପ୍ରେମ କରେ ଯେମିତି ଜଣେ ଦୟାଳୁ ମା ନିଜ ପିଲାମାନଙ୍କୁ (ପ୍ରେମ) କରିଥାଏ ବରଂ ତାଠାରୁ ବଳି । ଆପଣ କହିଲେ ମୁଁ କେବଳ ସେହି ମିଥ୍ୟା ବିଶ୍ୱାସର ଶତ୍ରୁ ଅଟେ, ଯେଉଁଥିରେ ସତ୍ୟ ବଳି ପଡ଼ିଥାଏ । ମାନବ ଜାତି ପ୍ରତି ଦୟା ଆଚରଣ କରିବା ମୋର କର୍ତବ୍ୟ । ମିଥ୍ୟା, ଶିରକ୍, ଅନ୍ୟାୟ ଅତ୍ୟାଚାର ଓ ଅସଭ୍ୟ ଅସଦାଚରଣ ଆଦିକୁ ଘୃଣା କରିବା ମୋର ନିୟମ ।

◆ ହଜରତ ମସିହ ମଉଦ ଆ.ସ କୁହନ୍ତି- ମୁଁ ତ କେବଳ ଚାରା ରୋପଣ କରିବାକୁ ଆସିଅଛି । ଅତଏବ ମୋ ହାତରେ ତାହା ରୋପଣ ହେଲା, ବର୍ତମାନ ତାହା ବଢିବ, ଫୁଲିବ ଏବଂ ଏପରି କେହି ନାହିଁ ଯେ ତାହାକୁ ରୋକି ପାରିବେ । ଅଲ୍ଲାଃଙ୍କ ମସିହଙ୍କ ଦ୍ୱାରା ରୋପିତ ଚାରା ବର୍ତମାନ ତାଙ୍କ କୃପା ଦୃଷ୍ଟି ଯୋଗୁଁ ବଢିବା ସହିତ ଫଳ ପୁଷ୍ପରେ ବିମଣ୍ଡିତ ହୋଇଚାଲିଛି । ଯଦି ଆମ୍ଭକୁ ତାହାର ସଜୀବ ସାଖା ହୋଇ ରହିବାର ଅଛି ତେବେ ଆମ୍ଭର କର୍ତବ୍ୟ ଯେ ଆମ୍ଭେ ଅଲ୍ଲାଃ ଓ ରସୁଲଙ୍କୁ ପ୍ରେମ କରିବା ସହିତ ନିଜ ଉତମ କର୍ମ, ମାନବ ଜାତି ସହ ଦୟା ଓ ପ୍ରେମ ଆଚରଣ କରିବା ।

## ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ
## (ପ୍ରଦତ୍‌ତ: ୨୪ ମାର୍ଚ୍ଚ ୨୦୧୭ ଅନୁଯାୟୀ ୨୪ ଅମାନ୍ ୧୩୯୬ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُوْلُهُ

أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ ۔ بِسْمِ اللّٰهِ الرَّحْمٰنِ الرَّحِيْمِ

اَلْحَمْدُ لِلّٰهِ رَبِّ الْعَالَمِيْنَ ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔ إِيَّاكَ نَعْبُدُ وَإِيَّاكَ نَسْتَعِيْنُ ۔

اِهْدِنَا الصِّرَاطَ الْمُسْتَقِيْمَ ۔ صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ۔

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନଓ୍ୱର ଅ:ବ କହିଲେ- ଗତକାଲି ୨୩ ମାର୍ଚ୍ଚ ଥିଲା । ଜମାଅତ ଅହେମଦିୟା ଇତିହାସରେ ଏହି ଦିବସଟିର ବେଶ୍ ମହତ୍ୱ ରହିଛି । କାରଣ ଏହି ଦିନ ହଜରତ ମିର୍ଜା ଗୁଲାମ ଅହେମଦ କାଦିଆନୀ ଆ.ସ ବୟତ ନେଇ ଜମାଅତର ରୀତିମତ ସ୍ଥାପନ କରିଥିଲେ । ଆପଣ କୁହନ୍ତି- ହଜରତ ମହମ୍ମଦ ସ.ଆ ଯେଉଁ ପ୍ରତିଶୃତ ମସିହ ଓ ମେହଦିଙ୍କ ଆଗମନର ସୁସମ୍ବାଦ ଦେଇଥିଲେ ସେ ମୁଁ ଅଟେ ଏବଂ ମୁଁ ଏକେଶ୍ୱରବାଦର ପ୍ରତିଷ୍ଠା କରି ଲୋକମାନଙ୍କ ହୃଦୟରେ ଈଶ୍ୱର ପ୍ରେମ ଉତ୍ପନ୍ନ କରିବା ନିମନ୍ତେ ପ୍ରେରିତ । ଆପଣ ଆହୁରି କୁହନ୍ତି ବର୍ତମାନ

ଅଲ୍ଲାଃଙ୍କ ଇଚ୍ଛା ଏହି କି ଯେ ବିଶ୍ୱର ବିଭିନ୍ନ ସ୍ଥାନରେ ଯେପରିକି ୟୁରୋପ, ଏସିଆ ଆଦି ଦେଶମାନଙ୍କରେ ବସବାସ କରୁଥିବା ପ୍ରତ୍ୟେକ ପବିତ୍ର ହୃଦୟୀ ମନୁଷ୍ୟଙ୍କୁ ଏକେଶ୍ୱରବାଦ ଅର୍ଥାତ ଗୋଟିଏ ଧର୍ମର ଧ୍ୱଜା ତଳେ ଏକତ୍ରିତ କରିଦେବା । ସୁତରାଂ ତୁମେମାନେ ଏହି ଉଦ୍ଦେଶ୍ୟ ପୂରଣ କରିବାରେ ନମ୍ର, ଉତମ ବ୍ୟବହାର ଓ ଦୁଆ କରିବାରେ ଲାଗିପଡ଼ । **(ରେସାଲା ଅଲ୍ ୱସିୟତ, ରୁହାନି ଖଜାଏନ୍ ଖଣ୍ଡ-୨୦, ପୃଷ୍ଠା-୩୦୬-୩୦୭)**

ହଜୁର ଆ.ସ କୁହନ୍ତି ମୋତେ ଏହି ସମ୍ମାନ ହଜରତ ମହମ୍ମଦ ସ.ଆଙ୍କ ଆଜ୍ଞାକାରୀତା ଓ ଆପଣଙ୍କ ସହ ନିଷ୍ଠାପର ପ୍ରେମ ଦ୍ୱାରା ପ୍ରାପ୍ତ ହୋଇଛି । ତେଣୁ ସମଗ୍ର ସଂସାରବାସୀଙ୍କୁ ମୋର ଏହି ସନ୍ଦେଶ ଯେ, ଏହି ରସୁଲ ସ.ଆଙ୍କୁ ପ୍ରେମ କରିବା ସହିତ ତାଙ୍କର ଆଜ୍ଞାବହ ହୁଅ । ଏତତ୍ ଦ୍ୱାରା ଅଲ୍ଲାଃଙ୍କ ସହ ସମ୍ପର୍କ ସ୍ଥାପନ ହେବା ସହ ତୁମେ ପ୍ରକୃତ ଏକେଶ୍ୱରବାଦୀ ହୋଇପାରିବ । ଆପଣ କୁହନ୍ତି ବର୍ତମାନ ସମଗ୍ର ମାନବ ଜାତି ନିମନ୍ତେ କୌଣସି ରସୁଲ ଓ ପାପରୁ ଉଦ୍ଧାରକାରୀ ନାହାନ୍ତି କିନ୍ତୁ କେବଳ ଜଣେ ଏବଂ ସେ ହଜରତ ମହମ୍ମଦ ସ.ଆ ଅଟନ୍ତି । ଅତଏବ ତୁମେ ଚେଷ୍ଟା କର କି ଉକ୍ତ ନବୀଙ୍କ ସହ କିପରି ନିଷ୍ଠାପର ପ୍ରେମର ସମ୍ପର୍କ ସ୍ଥାପନ ହୋଇଯାଉ ଏବଂ ତାଙ୍କ ବ୍ୟତୀତ ଅନ୍ୟ କାହାରିକୁ ପ୍ରାଥମିକତା ଦିଅ ନାହିଁ । ଯଦ୍ୱାରା ଆକାଶରେ ତୁମେ ମୁକ୍ତି ପ୍ରାପ୍ତକାରୀଙ୍କ ମଧ୍ୟରେ ଲେଖାଯିବ । ମନେରଖ ମୁକ୍ତି ପାଇବା ଏହା ନୁହେଁ କି ଯାହା ମରଣ ଅନ୍ତେ ମିଳିଥାଏ ବରଂ ପ୍ରକୃତ ମୁକ୍ତି ପ୍ରାପ୍ତକାରୀ ସେ ଯେ ଏହି ସଂସାରରେ ନିଜର ଜ୍ୟୋତି ପ୍ରକାଶିତ କରିଥାଏ । କିଏ ମୁକ୍ତି ପ୍ରାପ୍ତ କରିଥାଏ ? ସେ ଯେ ବିଶ୍ୱାସ ରଖିଥାଏ କି ଅଲ୍ଲାଃ ହିଁ ସତ୍ୟ ଓ ହଜରତ ମହମ୍ମଦ ସ.ଆ ଅଲ୍ଲାଃ ଓ ସମସ୍ତ ସୃଷ୍ଟିଙ୍କ ମଧ୍ୟରେ (ଏକ ମାତ୍ର) ଉଦ୍ଧାରକାରୀ । ଆକାଶ ତଳେ ତାଙ୍କ ସମତୁଲ୍ୟ କୌଣସି ଅବତାର ନାହାନ୍ତି ନା ପବିତ୍ର କୋରାନ ସମତୁଲ୍ୟ କୌଣସି ଧର୍ମ ପୁସ୍ତକ ଅଛି ଏବଂ ଅଲ୍ଲାଃଙ୍କର କୌଣସି ବ୍ୟକ୍ତି ବିଶେଷ ପାଇଁ ଏହି ନିୟମ ନାହିଁ କି ସେ ସଦାସର୍ବଦା ପାଇଁ ଜୀବିତ ରହିପାରିବ କିନ୍ତୁ ନିଜର ପ୍ରିୟ ନବୀ ହଜରତ ମହମ୍ମଦ ସ.ଆ ଯେ ସଦାସର୍ବଦା ପାଇଁ ଜୀବିତ ଅଟନ୍ତି । **(କଶ୍ତିନୁହ୍, ରୁହାନି ଖଜାଏନ୍ ଖଣ୍ଡ-୧୯, ପୃଷ୍ଠା-୧୩-୧୪)**

ହଜରତ ମହମ୍ମଦ ସ.ଆଙ୍କ ସହ ଏପରି ପ୍ରେମ କରିବା ହଜୁର ଆ.ସଙ୍କ ଅମଲ ଓ ଲେଖନୀରୁ ସ୍ପଷ୍ଟ ପ୍ରକାଶିତ ହେଉଛି ଏବଂ ଆପଣ ନିଜ ମାନ୍ୟକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କି ଏହି ପ୍ରେମ ଓ ମର୍ଯ୍ୟାଦାକୁ ସର୍ବଦା ନିଜ ସମ୍ମୁଖରେ ରଖିବେ । ଅତ୍ୟାଚାରୀ ଅଟନ୍ତି ସେମାନେ ଯେ କହିଥାନ୍ତି କି ଅହେମଦି ହଜରତ ମସିହ ମଉଦ ଆ.ସଙ୍କୁ ହଜରତ ମହମ୍ମଦ ସ.ଆଙ୍କ ଅପେକ୍ଷା ଅଧିକ ସମ୍ମାନ ଓ ସତ୍କାର କରିଥାନ୍ତି । ଆଜିକାଲି ଉପଦ୍ୱିପମାନଙ୍କରେ ଅହେମଦିମାନଙ୍କ ଉପରେ ଏହି ଆରୋପ ଲଗାଇ ସେମାନଙ୍କୁ ଜେଲ୍‌ରେ ବନ୍ଦ କରିଦିଆଯାଉଛି । ଏପରିକି ସେମାନେ ଅହେମଦି ମହିଳାମାନଙ୍କ ଉପରେ ମଧ୍ୟ ଅତ୍ୟାଚାର ଓ ମୁକଦ୍ଦମା କରିବା ଆରମ୍ଭ କରିଦେଲେଣି କିନ୍ତୁ ମହିଳାମାନେ ମୋତେ ପତ୍ର ଲେଖୁଛନ୍ତି କି ଆମେ ହଜରତ ମସିହ ମଉଦ ଆ.ସଙ୍କୁ ସ୍ୱୀକାର କରି ପ୍ରକୃତ ଏକେଶ୍ୱରବାଦ ଓ ହଜରତ ମହମ୍ମଦ ସ.ଆଙ୍କ ସ୍ତର ଓ ମର୍ଯ୍ୟାଦା ଚିହ୍ନିବା ସହିତ ତାଙ୍କ ସହ ପ୍ରେମ କରିବାର ସୌଭାଗ୍ୟ ଅର୍ଜନ କରିଅଛୁ । ଏହାପରେ ଆମେ କିଭଳି ବିଶ୍ୱାସକୁ ହାତଛଡ଼ା କରିପାରିବୁ । ଯେଉଁସ୍ଥଳେ ମୁଁ ଅହେମଦିମାନଙ୍କ ପାଇଁ ଦୁଆ କରୁଅଛି କି ଅଲ୍ଲାଃତାଲା ସେମାନଙ୍କୁ ଏହି ବିପତିରୁ ଉଦ୍ଧାର କରନ୍ତୁ ସେହିସ୍ଥଳେ ଉକ୍ତ ମୁସଲମାନମାନଙ୍କ ପାଇଁ ମଧ୍ୟ ଦୁଆ କରୁଅଛି କି ଅଲ୍ଲାଃତାଲା ସେମାନଙ୍କୁ ହଜରତ ମହମ୍ମଦ ସ.ଆଙ୍କ ସଚ୍ଚୋଟ ଦାସଙ୍କୁ ସ୍ୱୀକାର କରିବାର ମଧ୍ୟ ଶକ୍ତି ପ୍ରଦାନ କରନ୍ତୁ । ଯେ ଅଲ୍ଲାଃଙ୍କ ଅଙ୍ଗୀକାର ମୁତାବକ ଏକେଶ୍ୱରବାଦ ଓ ଇସଲାମର ପୁନଃ ପ୍ରତିଷ୍ଠା ନିମନ୍ତେ ଆସିଥିଲେ । ଏହି କାର୍ଯ୍ୟରେ ହଜୁର ଆ.ସ କିପରି ବ୍ୟାକୁଳ ରହୁଥିଲେ ତାହାର ଦୃଶ୍ୟ ଆପଣଙ୍କ ଲେଖାରୁ ଜଣାଯାଉଛି, ଯେପରିକି ଆପଣ ଅଲ୍ଲାଃଙ୍କୁ ନିଜ ହୃଦୟର ବେଦନା ଜଣାଇ ଗୋଟିଏ ସ୍ଥାନରେ କୁହନ୍ତି- ମୋର ଆତ୍ମା ଅତ୍ୟନ୍ତ ନିଷ୍ଠାର ସହ ତୁମ ନିକଟକୁ ଏପରି ଆକର୍ଷିତ ହୋଇଚାଲିଛି ଯେମିତି ଗୋଟିଏ ପକ୍ଷୀ ନିଜ ବସାକୁ ଫେରିଯାଇଥାଏ । ଅତଏବ ମୁଁ ତୁମ ନିଦର୍ଶନ ଦେଖିବାର ପ୍ରବଳ ଆଗ୍ରହୀ କିନ୍ତୁ ନା ନିଜ ପାଇଁ ନା ନିଜ ସମ୍ମାନ ଅର୍ଜନ କରିବା ପାଇଁ ବରଂ ଏଥିପାଇଁ କି ମାନବ ଜାତି ତୁମ ହସ୍ତିକୁ ଚିହ୍ନି ତୁମ ମାର୍ଗ ଆପଣାଇନିଅନ୍ତୁ ଏବଂ ଯାହାକୁ ତୁମେ ପ୍ରେରଣ କରିଛ ତାହାର ଅସ୍ୱୀକାର କରି ଯେପରି ସେମାନେ ପଥଭ୍ରଷ୍ଟ ହୋଇନଯାନ୍ତୁ । ହଜୁର ଆ.ସ କୁହନ୍ତି ମୁଁ ସାକ୍ଷୀ ଦେଉଅଛି ଯେ ତୁମେ ମୋତେ ପ୍ରେରଣ କରିଛ ଏବଂ ମୋ ସମର୍ଥନରେ ବଡ଼ ବଡ଼ ନିଦର୍ଶନ ଦେଖାଇଲ । ଏପରିକି ସୂର୍ଯ୍ୟ ଓ ଚନ୍ଦ୍ରକୁ ମଧ୍ୟ ଆଦେଶ ଦେଲ ଯେ ଭବିଷ୍ୟବାଣୀ ଅନୁଯାୟୀ ରମଜାନର ଧାର୍ଯ୍ୟ ତାରିଖରେ ଗ୍ରହଣ ଲାଗିଲା । ମୁଁ ତୁମକୁ ଚିହ୍ନିଛି ତୁମେ ହିଁ ମୋର ଅଲ୍ଲାଃ । ତେଣୁ ତୁମ ନାମ ଶୁଣିଲେ ମୋର ଆତ୍ମା ଏଭଳି ସତେଜ ଓ ବଳବାନ ହୋଇଉଠେ ଯେମିତି କ୍ଷୀର ଖାଉଥିବା ଛୁଆ ନିଜ ମାଙ୍କୁ ଦେଖିଲେ ହୋଇଥାଏ କିନ୍ତୁ ଅଧିକାଂଶ ଲୋକ ମୋତେ ଚିହ୍ନିଲେ ନାହିଁ ନା ସ୍ୱୀକାର କଲେ । **(ତରିଆକୁଲ୍ କୁଲୁବ୍, ରୁହାନି ଖଜାଏନ୍ ଖଣ୍ଡ-୧୫, ପୃଷ୍ଠା-୫୧୧)** ଏଥିପାଇଁ ଯେଉଁସ୍ଥଳେ ହଜୁର ଆ.ସ ଅଲ୍ଲାଃଙ୍କ ସହ ପ୍ରେମ ଓ ତାଙ୍କର ମର୍ଯ୍ୟାଦା (ଲୋକମାନଙ୍କ ହୃଦୟରେ) ସ୍ଥାପନ କରିବା ନିମନ୍ତେ ବ୍ୟାକୁଳ ରହୁଥିଲେ ସେହିସ୍ଥଳେ ମାନବ ଜାତିର ଉଦ୍ଧାର ନିମନ୍ତେ ବ୍ୟତିବ୍ୟସ୍ତ ମଧ୍ୟ ରହୁଥିଲେ ଏବଂ ଆପଣ ସର୍ବଦା ଏଥିପ୍ରତି ଚିନ୍ତିତ ଥିଲେ କି କିପରି ଅଲ୍ଲାଃଙ୍କ ପ୍ରେମ ଓ ବାଛଲ୍ୟତାର ଅଗ୍ନୀ ସେମାନଙ୍କ ହୃଦୟରେ ଉତ୍ପନ୍ନ ହେବ । ଏଥିସମ୍ବନ୍ଧରେ ଆପଣ କୁହନ୍ତି-

କିପରି ଦୁର୍ଭାଗ୍ୟ ତାହାର ଯାହାକୁ ଏପର୍ଯ୍ୟନ୍ତ ଜଣା ନାହିଁ ଯେ ତାହାର ଜଣେ ପାଳନକର୍ତା ଅଛି ଯେ ସର୍ବଶକ୍ତିମାନ । ଆମର ବୈକୁଣ୍ଠ ଆମ୍ଭର ଖୁଦା, ଆମ୍ଭର ଅସୀମ ଆନନ୍ଦ ଆମ୍ଭ ଈଶ୍ୱର ପ୍ରାପ୍ତିରେ ରହିଛି କାରଣ ଆମେ ତାଙ୍କୁ ଦେଖିନେଲୁ ଏବଂ ସମସ୍ତ ସୌନ୍ଦର୍ଯ୍ୟ ତାଙ୍କରିଠାରେ ପାଇଲୁ । ଏହି ସମ୍ପତି ହାସଲ କରିବା ଯୋଗ୍ୟ ଯଦିଚ ନିଜ ପ୍ରାଣର ଆହୁତି ଦେବାରେ ପ୍ରାପ୍ତ ହୁଏ ଏବଂ ଏହି ରତ୍ନ କ୍ରୟ କରିବା ଯୋଗ୍ୟ ଯଦିଚ ନିଜକୁ ସମ୍ପୂର୍ଣ୍ଣ ରୂପେ ହଜାଇ ଦେବାରେ ପ୍ରାପ୍ତ ହୁଏ । ହେ ଅଭାଗା(ମଣିଷ) ! ଏହି ଝରଣା ନିକଟକୁ ଦୌଡ଼ କାରଣ ଏହା ତୁମକୁ ତୃପ୍ତି ପ୍ରଦାନ କରିବ । ଏହା ଜୀବନ ପ୍ରଦାନକାରୀ

ଝରଣା ଯାହାକି ତୁମକୁ ରକ୍ଷା କରିବ । ମୁଁ କଣ କରିବି ଓ କିଭଳି ଏହି ସମ୍ବାଦକୁ ହୃଦୟରେ ସ୍ଥାପନ କରିବି, କେଉଁ ବାଦ୍ୟଯନରେ ବଜାରରେ ଘୋଷଣା କରିବି କି ତୁମର ସୃଷ୍ଟିକର୍ତା ଅଲ୍ଲାଃ ଅଟନ୍ତି । ଯଦ୍ୱାରା ଲୋକମାନେ ଶୁଣିନେବେ ଏବଂ କେଉଁ ଔଷଧରେ ଚିକିତ୍ସା କରିବି ଯଦ୍ୱାରା ଲୋକେ ଏଥିପ୍ରତି କର୍ଣ୍ଣପାତ କରିବେ । **(କଶ୍‌ତିନୁହ୍, ରୁହାନି ଖଜାଏନ୍ ଖଣ୍ଡ-୧୯, ପୃଷ୍ଠା-୨୧-୨୨)**

ସୁତରାଂ ଉପରୋକ୍ତ ପଦ୍ୟରେ କିଭଳି ଦରଦ୍ ରହିଛି ବରଂ ଏପରି କହିବା ଉଚିତ୍ କି ପ୍ରତ୍ୟେକ ଶବ୍ଦରେ ଦରଦ୍‌ର ଭିନ୍ନ ଭିନ୍ନ ଦିଗ ଅନ୍ତର୍ନିହିତ ରହିଛି ଏବଂ ପ୍ରତ୍ୟେକ ଶବ୍ଦରେ ଅନେକ ସ୍ତର ରହିଛି ଓ ପ୍ରତ୍ୟେକ ସ୍ତରରେ ଗଭୀର ରହସ୍ୟ ଲୁଚିରହିଛି ତେଣୁ ପ୍ରତ୍ୟେକ ନିଜ ନିଜ ବୁଝିବାର କ୍ଷମତା ମୁତାବକ ବୁଝିବାକୁ ଚେଷ୍ଟା କରିବା ଉଚିତ୍ ।

ଆପଣ କୁହନ୍ତି- ଯଦି ତୁମେ ଈଶ୍ୱରଙ୍କର ହୋଇଯାଅ ତେବେ ଜାଣିରଖ ଯେ ଅଲ୍ଲାଃ ତୁମର ଅଟନ୍ତି । ତୁମେ ସୟନ କରୁଥିବ ସେ ତୁମ ପାଇଁ ଜାଗି ବସିଥିବେ । ତୁମେ ଶତ୍ରୁଠାରୁ ଅଜଣା ଥିବ କିନ୍ତୁ ଅଲ୍ଲାଃ ତାହା ଉପରେ ନଜର ରଖିଥିବେ ଏବଂ ତାହାର ସମସ୍ତ ଯୋଜନା ପଣ୍ଡ କରିଦେବେ । ତୁମେ ଏପର୍ଯ୍ୟନ୍ତ ସୁଧା ଜାଣି ନାହଁ ଯେ ତୁମ ଅଲ୍ଲାଃ କେଉଁ କେଉଁ ଶକ୍ତିର ଅଧିକାରୀ । ଯଦି ତୁମେ ଜାଣିନିଅ ତେବେ ତୁମେ ଗୋଟିଏ ଦିନ ମଧ୍ୟ ସଂସାର ପ୍ରାପ୍ତିରେ ଅତିବାହିତ କରିବ ନାହିଁ । ସୁତରାଂ ଏହି ସମ୍ପର୍କ ଆମ୍ଭକୁ ଅଲ୍ଲାଃଙ୍କ ସହ ସ୍ଥାପନ କରିବାକୁ ଚେଷ୍ଟା କରିବା ଉଚିତ୍ । ଯାହାକି ଆପଣ ନିଜ ମାନ୍ୟକାରୀଙ୍କ ଠାରୁ ଆଶା ବାନ୍ଧିଛନ୍ତି । ଆପଣ କୁହନ୍ତି- **ଯଦି ତୁମର ଦୃଷ୍ଟି ଶକ୍ତି ଅଛି ତେବେ ତୁମେ ଦେଖିପାରିବ ଯେ, ପ୍ରତ୍ୟେକ ସ୍ଥାନରେ ଅଲ୍ଲାଃ ହିଁ ବିଦ୍ୟମାନ, ବାକି ସବୁକିଛି ତୁଚ୍ଛ ।**

ଏକେଶ୍ୱରବାଦ ଓ ଇସଲାମର ପୁନଃ ପ୍ରତିଷ୍ଠାର କାର୍ଯ୍ୟ ହଜୁର ଆ.ସଙ୍କୁ ହଜରତ ମହମ୍ମଦ ସ.ଆଙ୍କ ଆଜ୍ଞାକାରୀ ଓ ପ୍ରେମ କରିବା ଯୋଗୁଁ ପ୍ରାପ୍ତ ହେଲା । ସେହି ପ୍ରେମ ଓ ଭଲପାଇବାର ଦୃଶ୍ୟ ଆମେ ଆପଣଙ୍କଠାରେ ଦେଖୁଅଛୁ ଯାହାକି କି ଅସଂଖ୍ୟ ଘଟଣା ରହିଛି ।

ଇସଲାମ ବିରୋଧିମାନେ ହଜରତ ମହମ୍ମଦ ସ.ଆଙ୍କ ସମ୍ବନ୍ଧରେ ଯେଉଁ ଥଟ୍ଟା ପରିହାସ କରନ୍ତି ସେଥିରେ ହଜୁର ଆ.ସ ନିଜ ବେଦନା ପ୍ରକାଶ କରି କୁହନ୍ତି- ମୋ ହୃଦୟକୁ କଦାପି କୌଣସି ଘଟଣା ଏପରି କଷ୍ଟ ଦେଇନଥାଏ ଯେପରିକି ବିରୋଧିମାନଙ୍କର ଆମ ପ୍ରିୟ ହଜୁର ସ.ଆଙ୍କ ସମ୍ବନ୍ଧରେ ଥଟ୍ଟା ପରିହାସ ଦ୍ୱାରା ହୋଇଥାଏ । ସେମାନଙ୍କର ହୃଦୟ ବିଦାରକ କଷ୍ଟ ଯାହାକି ସେମାନେ ଉତମ ପୁରୁଷ ହଜରତ ମହମ୍ମଦ ସ.ଆଙ୍କ ସମ୍ବନ୍ଧରେ କରିବା ଦ୍ୱାରା ଆମ ହୃଦୟ କ୍ଷତ ବିକ୍ଷତ ହୋଇଥାଏ । ମୁଁ ଅଲ୍ଲାଃଙ୍କ ଶପଥ କରି କହୁଅଛି ଯଦି ମୋର ସମସ୍ତ ସନ୍ତାନ, ସନ୍ତାନଙ୍କ ସନ୍ତାନ, ମୋର ସମସ୍ତ ସାଥି ତଥା ସାହାର୍ଯ୍ୟକାରୀମାନଙ୍କୁ ମୋ ସମ୍ମୁଖରେ ହତ୍ୟା କରିଦିଆଯାଏ ଏବଂ ସ୍ୱୟଂ ମୋ ହାତ ଗୋଡ଼ କାଟି ଦିଆଯାଏ, ମୋ ଆଖିର ପିତୁଳା କାଢି ଫିଙ୍କି ଦିଆଯାଏ ଏବଂ ମୋର ସମସ୍ତ ଆଶା ଆକାଂକ୍ଷାରୁ ମୁଁ ବଂଚିତ କରିଦିଆଯାଏ, ମୁଁ ନିଜର ସମସ୍ତ ଆନନ୍ଦ ଓ ଆରାମରୁ ବଂଚିତ କରିଦିଆଯାଏ ତଥାପି ମଧ୍ୟ ଏସବୁକିଛି ମୁକାବିଲାରେ ମୋତେ ଅଧିକ କଷ୍ଟ ହଜୁର ସ.ଆଙ୍କ ସମ୍ବନ୍ଧରେ ଅସଭ୍ୟ ଆଚରଣ କରିବା ଦ୍ୱାରା ହୋଇଥାଏ ।

କଣ କେହି ଅଛନ୍ତି ଯେ ଏଭଳି ଭାବନାର ପରିପ୍ରକାଶ କରିଛନ୍ତି । ପ୍ରେମ କରିବାର ଘୋଷଣା ତ ଅନେକ କରିଥାନ୍ତି ଯେ ହଜରତ ମହମ୍ମଦ ସ.ଆଙ୍କ ନିର୍ମଳତା (ନାମୁସେ ରିସାଲତ୍) ଓ ଖତମେ ନବୁଓ୍ୱତ ନାମରେ ବିଭ୍ରାଟ, ବିଶୃଙ୍ଖଳା ଓ ରକ୍ତପାତ କରିଥାନ୍ତି କିନ୍ତୁ ହଜରତ ମହମ୍ମଦ ସ.ଆଙ୍କ ମର୍ଯ୍ୟାଦା ଓ ସ୍ତର ସଂସାରବାସୀଙ୍କୁ ସ୍ୱୀକାର କରାଇବା ତଥା ଇସଲାମ ଓ କୋରାନକୁ ପରିବ୍ୟାପ୍ତ କରିବା ନିମନ୍ତେ ସେମାନେ କି ପ୍ରଚେଷ୍ଟା କରିଛନ୍ତି । ଦେଖ ହଜୁର ଆ.ସଙ୍କ ଶବ୍ଦ କେବଳ ମୁହଁର ଘୋଷଣା ନଥିଲା ବରଂ ଆପଣଙ୍କ ସହ ସମ୍ପର୍କିତ ଲୋକେ ଓ ଅନ୍ୟମାନେ ମଧ୍ୟ ସାକ୍ଷୀ ଦେଇଛନ୍ତି କି ଆପଣଙ୍କର ହଜୁର ସ.ଆଙ୍କ ସହ ପ୍ରେମ ଓ ଭଲପାଇବା ଆପଣଙ୍କ ପ୍ରତ୍ୟେକ କାର୍ଯ୍ୟରୁ ସ୍ପଷ୍ଟ ପ୍ରମାଣିତ ହେଉଥିଲା ।

ସୁତରାଂ ଆପଣଙ୍କର ଏ ସମସ୍ତ କାର୍ଯ୍ୟ ଅଲ୍ଲାଃଙ୍କ ଅନ୍ତିମ ଧର୍ମକୁ ଶ୍ରେଷ୍ଠ ଓ ସମ୍ପୂର୍ଣ୍ଣ ଧର୍ମ ପ୍ରମାଣିତ କରିବା ଉଦ୍ଦେଶ୍ୟରେ ଥିଲା ଏବଂ ହଜରତ ମହମ୍ମଦ ସ.ଆଙ୍କ ସହ ଭଲପାଇବା ଯୋଗୁଁ ଏହି ଆସନ ପ୍ରାପ୍ତ କରିବାର ତଥ୍ୟ ପ୍ରମାଣିତ କରିବା ନିମନ୍ତେ ଥିଲା । ସଂସାରବାସୀଙ୍କୁ ଅବଗତ କରାଇବା ନିମନ୍ତେ କି ହଜୁର ସ.ଆଙ୍କ ଆସନ ହିଁ ସର୍ବ ଶ୍ରେଷ୍ଠ ଅଟେ । ସମଗ୍ର ସଂସାର ଓ ସମସ୍ତ ଧର୍ମ ନିକଟରେ ସ୍ପଷ୍ଟ କରିବା ପାଇଁ କି ଇସଲାମ ପରି ଅନ୍ୟ କୌଣସି ଧର୍ମ ନାହିଁ । ଆପତିକାରୀମାନେ ଅପଣଙ୍କର ହଜୁର ସ.ଆଙ୍କ ସହ ପ୍ରେମ ଓ ଭଲପାଇବାର ଏସବୁ ତଥ୍ୟ ଥରେ ମାତ୍ର ପାଠ କରି ତାହାର ଗଭୀରତାରେ ପ୍ରବେଶ କରି ତ ଚିନ୍ତା କରନ୍ତୁ, ନଚେତ୍ ଏମିତି ଆପତି କରିବା ମୂର୍ଖାମୀ ନୁହେଁ ତ ଆଉ କଣ । ହଜୁର ଆ.ସ ଜଣେ ନିଷ୍ପାପର ଶିଷ୍ୟ ଓ କୃତଜ୍ଞ କୀତଦାସ ପରି ସର୍ବଦା କୁହନ୍ତି ମୋତେ ଏସବୁ କିଛି ମୋର ଆକା ହଜରତ ମହମ୍ମଦ ସ.ଆଙ୍କ ଅସ୍ତୀତ୍ୱ ଯୋଗୁଁ ଓ ଆପଣଙ୍କ ଆଜ୍ଞାକାରୀ ହେବା ଯୋଗୁଁ ପ୍ରାପ୍ତ ହୋଇଛି । ଅତଏବ ଆପଣ ଆଉ ଏକ ସ୍ଥାନରେ କୁହନ୍ତି- **ଯଦି ମୁଁ ହଜୁର ସ.ଆଙ୍କ ସମ୍ପ୍ରଦାୟ ଓ ଆପଣଙ୍କର ଆଜ୍ଞାକାରୀ ହୋଇନଥାନ୍ତି । ତେବେ ଯଦି ମୋର ଅମଲ ବିଶ୍ୱର ବଡ଼ ବଡ଼ ପାହାଡ଼ ସମତୁଲ୍ୟ ହୋଇଥାନ୍ତା, ତଥାପି ମଧ୍ୟ ମୁଁ କଦାପି ଅଲ୍ଲାଃଙ୍କ ସହ ବାର୍ତାଳାପର ଏହି ଆସନ ପ୍ରାପ୍ତ କରିପାରିନଥାନ୍ତି ।**

ଏସବୁ ଶୁଣିବା ପରେ ଯଦି କେହି ହଜରତ ମସିହ ମଉଦ ଆ.ସଙ୍କ ଉପରେ ଆପତି କରେ ତେବେ ସେ ଅତ୍ୟାଚାରୀ, ମୂର୍ଖ ଓ ବିଭ୍ରାଟକାରୀ ଛଡ଼ା ଅନ୍ୟ କେହି ନୁହେଁ । ଏପରି ବ୍ୟକ୍ତିର ମାମଲା ଅଲ୍ଲାଃଙ୍କ ସହ ଅଟେ, ଯେ ନିଜକୁ ବଡ଼ ବଡ଼ ମୌଲବି ବୋଲାଉଛନ୍ତି । ହଜରତ ମସିହ ମଉଦ ଆ.ସଙ୍କ ଆଗମନର ଉଦ୍ଦେଶ୍ୟ ଏକେଶ୍ୱରବାଦ ଓ ହଜରତ ମହମ୍ମଦ ସ.ଆଙ୍କ ପ୍ରକୃତ ସ୍ଥାନ ଓ ମର୍ଯ୍ୟାଦା ସ୍ପଷ୍ଟ କରିବା ସହିତ ସଂସାରବାସୀଙ୍କୁ ଆପଣଙ୍କ ଧ୍ୱଜା ତଳେ ଏକତ୍ର କରିବା ଥିଲା ତଥା ଅଲ୍ଲାଃ ଓ ସୃଷ୍ଟିର କର୍ତବ୍ୟ ସମ୍ପାଦନ କରି ସେମାନଙ୍କୁ ନିଜ ସୃଷ୍ଟିକର୍ତାଙ୍କୁ ଚିହ୍ନେଇବା ଓ ପୁଣ୍ୟ କର୍ମ ସମ୍ପାଦନ କରାଇବା ଥିଲା । ତେଣୁ ଆପଣ ଶରାୟତେ ବୟତର ଚତୁର୍ଥ ଶର୍ତରେ ଦରଜ କଲେ କି ସମସ୍ତ ମାନବ ଜାତି ଓ ବିଶେଷ କରି ମୁସଲମାନମାନଙ୍କ ପ୍ରତି ଉଗ୍ର

ହୋଇ କୌଣସି ସୃଷ୍ଟି ଉପରେ ଅନୁଚିତ୍ ଭାବରେ କଷ୍ଟ ଦେବା ଉଚିତ୍ ନୁହେଁ । ପୁନଃ ନବମ ଶର୍ତରେ ଏହା ଦରଜ କଲେ କି ସମସ୍ତ ଜୀବଜଗତ ଉପରେ କେବଳ ଅଲ୍ଲାଃଙ୍କ ଖାତିର ଦୟା ଆଚରଣ କରିବା ଏବଂ ଯେପର୍ଯ୍ୟନ୍ତ ସମ୍ଭବ ନିଜ ସାମର୍ଥ୍ୟର ବିନିଯୋଗ କରି ମାନବ ଜାତିର ଉପକାର ସାଧିତ କରିବା ନିମନ୍ତେ ଚେଷ୍ଟା କରିବ । ଅତଏବ ଏଥି ମୁତାବକ ଇସଲାମୀୟ ଶିକ୍ଷାର ଚର୍ଚ୍ଚା କରି ହଜୁର ଆ.ସ କୁହନ୍ତି- ଧର୍ମର ଦୁଇଟି ବିଭାଗ ରହିଛି ଗୋଟିଏ ଅଲ୍ଲାଃଙ୍କ ସହ ପ୍ରେମ ଏବଂ ଅନ୍ୟଟି ତାଙ୍କର ସୃଷ୍ଟି ସହ ଭଲପାଇବା ଓ ତାହାର ଅସୁବିଧା ଓ ଯନ୍ତ୍ରଣାକୁ ନିଜ ଯନ୍ତ୍ରଣା ମନେକରିବା ତଥା ସେଥିପାଇଁ ଦୁଆ କରିବା ।

ଗୋଟିଏ ସ୍ଥାନରେ ହଜୁର ଆ.ସ କୁହନ୍ତି - ମୁଁ ସମସ୍ତ ମୁସଲମାନ, ଖ୍ରୀଷ୍ଟଧର୍ମୀ, ହିନ୍ଦୁ ଓ ଆର୍ଯ୍ୟ ସମାଜୀଙ୍କ ନିକଟରେ ପ୍ରକାଶ କରୁଅଛି ଯେ ସମଗ୍ର ବିଶ୍ୱରେ ମୋର କେହି ଶତ୍ରୁ ନାହାନ୍ତି ମୁଁ ମାନବ ଜାତିକୁ ଏଭଳି ପ୍ରେମ କରେ ଯେମିତି ଜଣେ ଦୟାଳୁ ମା ନିଜ ପିଲାମାନଙ୍କୁ (ପ୍ରେମ) କରିଥାଏ ବରଂ ତାଠାରୁ ବଳି । ଆପଣ କହିଲେ ମୁଁ କେବଳ ସେହି ମିଥ୍ୟା ବିଶ୍ୱାସର ଶତ୍ରୁ ଅଟେ, ଯେଉଁଥିରେ ସତ୍ୟ ବଳି ପଡ଼ିଥାଏ । ମାନବ ଜାତି ପ୍ରତି ଦୟା ଆଚରଣ କରିବା ମୋର କର୍ତବ୍ୟ । ମିଥ୍ୟା, ଶିରକ୍, ଅନ୍ୟାୟ ଅତ୍ୟାଚାର ଓ ଅସଭ୍ୟ ଅସଦାଚରଣ ଆଦିକୁ ଘୃଣା କରିବା ମୋର ନିୟମ ।

ଏସବୁ ଆପଣ ଏମିତି ଲେଖିଦେଇ ନାହାନ୍ତି କିମ୍ବା କେବଳ ଘୋଷଣା କରିଦେଇନାହାନ୍ତି କି ମୁଁ ମାନବ ଜାତିକୁ ସମସ୍ତଙ୍କଠାରୁ ଅଧିକ ଭଲପାଏ ବରଂ ଏହାର ପ୍ରତ୍ୟକ୍ଷ ଅମଳ କରିବାର ଦୃଷ୍ଟାନ୍ତ ମଧ୍ୟ ଆମକୁ ଆପଣଙ୍କ ଜୀବନରେ ଦେଖିବାକୁ ମିଳୁଅଛି । ଦେଖ ତାଉନର ଅଜାବରୁ (ଲୋକମାନେ) ରକ୍ଷା ପାଇବା ନିମନ୍ତେ ଆପଣ ଏପରି ଭାବବିହ୍ୱଳ ହୋଇ ଦୁଆ କରୁଥିଲେ କି ହେ ଅଲ୍ଲାଃ ! ଯଦି ଏମାନେ ତାଉନ ଦ୍ୱାରା ନାଶ ହୋଇଯାନ୍ତି ତେବେ ତୁମର ଉପାସନା କିଏ କରିବ । ଯେତେବେଳେ କି ତାଉନ ଆପଣଙ୍କ ସତ୍ୟବାଦୀ ହେବାର ନିଦର୍ଶନ ଥିଲା । ହଜରତ ମସିହ ମଉଦ ଆ.ସଙ୍କ (ଉକ୍ତ ଦୁଆ ପାଠ କଲାବେଳେ) ସ୍ୱରରେ ଏଭଳି ଦରଦ୍ ଥିଲା କି ଏହି ଦୁଆ ଶୁଣିଥିବା ବ୍ୟକ୍ତିର ମଧ୍ୟ ପିତ ପାଣି ହୋଇଯିବ ।

ସୁତରାଂ ଚିନ୍ତା କର ଗୋଟିଏ ଭବିଷ୍ୟବାଣୀ ଅନୁଯାୟୀ ବିରୋଧୀମାନଙ୍କୁ ଦଣ୍ଡ ମିଳୁଅଛି କିନ୍ତୁ ଆପଣ ତାହାର ଦୂର ହେବା ନିମନ୍ତେ ଅତ୍ୟନ୍ତ ବ୍ୟଥାର ସହ ଦୁଆ କରୁଛନ୍ତି । ମୌଲବି ମହମ୍ମଦ ହୁସେନ୍ ବଟାଲଭି ଯେ କି ଆପଣଙ୍କ ବିରୋଧାଚରଣରେ ଶୀର୍ଷରେ ଥିଲା ଏବଂ ଆପଣଙ୍କ ଉପରେ ଅମାନ୍ୟକାରୀର ଫତୱା ଲଗାଇ ନଉଜୁବିଲ୍ଲାଃ ଆପଣଙ୍କୁ ଦଜ୍ଜାଲ କହିଥିଲା । ସମଗ୍ର ଦେଶରେ ଆପଣଙ୍କ ବିରୋଧରେ ଘୃଣା ଓ ଶତ୍ରୁତାର ଅଗ୍ନୀ ପ୍ରଜ୍ୱଳିତ କରିଥିଲା । କିନ୍ତୁ ତାହା ବିରୁଦ୍ଧରେ ଗୋଟିଏ ମୁକଦ୍ଦମାରେ ଯେତେବେଳେ ଆପଣଙ୍କ ଓକିଲ ମୌଲବି ମହମ୍ମଦ ହୁସେନଙ୍କୁ ତାଙ୍କ ଖାନଦାନ ସମ୍ବନ୍ଧରେ କଟୁ ପ୍ରଶ୍ନ କରିଥିଲେ ସେତେବେଳେ ଆପଣ ତାଙ୍କୁ ଏପରି କରିବାକୁ ଦୃଢତାର ସହ ବାରଣ କଲେ । ଉକ୍ତ ଓକିଲ ଶ୍ରୀମାନ ଫଜଲଦ୍ଦୀନ୍ ସାହେବ ଜଣେ ଅଣଅହେମଦି ଥିଲେ । ସେ କୁହନ୍ତି ମିର୍ଜା ସାହେବ ଜଣେ ବିଚିତ୍ର ଲୋକ ତଥା ଅସାଧାରଣ ଚରିତ୍ରର ଅଧିକାରୀ ଥିଲେ । ଜଣେ ଆପଣଙ୍କର ଉଭୟ ସମ୍ମାନ ଓ ପ୍ରାଣ ହାନି ପ୍ରତି ଚେଷ୍ଟାରତ ଥିବା ସ୍ଥଳେ ଆପଣ ତାହାର ସାକ୍ଷୀକୁ ଦୁର୍ବଳ କରିବା ନିମନ୍ତେ ଯେତେବେଳେ ତାହାକୁ ପ୍ରଶ୍ନ କରାଯାଏ ସେତେବେଳେ ଆପଣ ବାରଣ କରନ୍ତି କି ଏପରି ଅବାନ୍ତର ପ୍ରଶ୍ନ କରିବାର ମୁଁ କଦାପି ଅନୁମତି ପ୍ରଦାନ କରିବି ନାହିଁ ।

ସେ ଯାହା ହେଉ ଏହା ଏକ ଉଦାହରଣ ଥିଲା କି ଆପଣ ନିଜ ଉଦ୍ଦେଶ୍ୟ ପୂରଣ କରିବାରେ ଏଭଳି ଅନେକ ନାମକୁ ମାତ୍ର ମୌଲବି ବୋଲାଉଥିବା ବିରୋଧୀଙ୍କ ସତ ଚେଷ୍ଟା ଓ ଆପଣଙ୍କୁ ଅମାନ୍ୟକାରୀର ଫତୱା ଦେବା ସତ୍ୱେ ଯାହାକି ଏପର୍ଯ୍ୟନ୍ତ ଅବ୍ୟାହତ ରହିଛି । ଯାହାର ପରିଣାମ ସ୍ୱରୂପ ଆଜି ବିଶ୍ୱର ବିଭିନ୍ନ ମୁସଲମାନ ଦେଶମାନଙ୍କରେ ଆମର ବିରୁଦ୍ଧାଚରଣ ହେଉଅଛି । ଏହା ଆମ ଉପରେ ହଜରତ ମସିହ ମଉଦ ଆ.ସଙ୍କର ହିଁ ପ୍ରଭାବ ଯେ ଆଜି ମଧ୍ୟ ଆମେ ଏହି ବିରୁଦ୍ଧାଚରଣର ଉତର ଉତମ ବ୍ୟବହାର ପ୍ରଦର୍ଶନ କରି ଦେଇଥାଉ ଏବଂ କଦାପି ପ୍ରଶାସନିକ ନିୟମ କାନୁନ୍ ଭଙ୍ଗ କରିନଥାଉ । ଅଲ୍ଲାଃ ସେମାନଙ୍କୁ ସଦବୁଦ୍ଧି ପ୍ରଦାନ କରନ୍ତୁ କି ଏହି ଯୁଗର ହାକିମ ଓ ନ୍ୟାୟ ବିଚାରକ ହଜରତ ମିର୍ଜା ଗୁଲାମ ଅହେମଦ କାଦିଆନୀ ଯେ କି ଇସଲାମର ପ୍ରଚାର ଓ ଏକେଶ୍ୱରବାଦର ପ୍ରତିଷ୍ଠା ତଥା ହଜରତ ମହମ୍ମଦ ସ.ଆଙ୍କ ପ୍ରକୃତ ଶାସନ ଯାହାକି ଧରା ପୃଷ୍ଠରେ ନୁହେଁ ବରଂ ହୃଦୟରେ ସ୍ଥାପିତ ହେବାର ଅଛି ହଜରତ ମସିହ ମଉଦ ଆ.ସ ଓ ଆପଣଙ୍କ ଜମାଅତ ମାଧ୍ୟମରେ ହିଁ ସାଧିତ ହେବ ନା କୌଣସି ତରୱାଲ କିମ୍ବା ବନ୍ଧୁକ କିମ୍ବା ଶକ୍ତି କିମ୍ବା ହିଂସା ଆଚରଣ ନା ଇସଲାମ ନାମରେ ଦଳିତ ତଥା ଅତ୍ୟାଚାରିତମାନଙ୍କୁ ହତ୍ୟା କରିବା ଦ୍ୱାରା ସମ୍ପର୍ଣ୍ଣ ହେବ

ସୁତରାଂ ଏପରି ପରିସ୍ଥିତିରେ ଯେପରିକି ମୁଁ ପୂର୍ବରୁ ବହୁବାର କହି ଆସିଛି ଯେ, ଇସଲାମର ସୌନ୍ଦର୍ଯ୍ୟ ସଂସାରବାସୀଙ୍କୁ ଅବଗତ କରାଇବା ଏବଂ ଆମ୍ଭର ବିରୁଦ୍ଧାଚରଣର ଯେଉଁ ପ୍ରଶ୍ନ ଉଠୁଛି ତେବେ ମନେରଖିବା ଉଚିତ୍ ଯେ, ସେମାନେ ଆମର କୌଣସି କ୍ଷତି କରିପାରିବେ ନାହିଁ । ଅଲ୍ଲାଃତାଲା ହଜରତ ମସିହ ମଉଦ ଆ.ସଙ୍କୁ ଏଥିପାଇଁ ପ୍ରେରଣ କରିଛନ୍ତି କି ଆପଣଙ୍କ ମାଧ୍ୟମରେ ଇସଲାମର ପ୍ରଚାର ପ୍ରସାର କରି ଆପଣଙ୍କୁ କୃତକାର୍ଯ୍ୟ କରିବେ ।

ହଜରତ ମସିହ ମଉଦ ଆ.ସ କୁହନ୍ତି- ମୁଁ ତ କେବଳ ଚାରା ରୋପଣ କରିବାକୁ ଆସିଅଛି । ଅତଏବ ମୋ ହାତରେ ତାହା ରୋପଣ ହେଲା, ବର୍ତମାନ ତାହା ବଢିବ, ଫୁଲିବ ଏବଂ ଏପରି କେହି ନାହିଁ ଯେ ତାହାକୁ ରୋକି ପାରିବେ । ଅଲ୍ଲାଃଙ୍କ ମସିହଙ୍କ ଦ୍ୱାରା ରୋପିତ ଚାରା ବର୍ତମାନ ତାଙ୍କ କୃପା ଦୃଷ୍ଟି ଯୋଗୁଁ ବଢିବା ସହିତ ଫଳ ପୁଷ୍ପରେ ବିମଣ୍ଡିତ ହୋଇଚାଲିଛି । ଯଦି ଆମ୍ଭକୁ ତାହାର ସଜୀବ ସାଖା ହୋଇ ରହିବାର ଅଛି ତେବେ ଆମ୍ଭର କର୍ତବ୍ୟ ଯେ ଆମ୍ଭେ ଅଲ୍ଲାଃ ଓ ରସୁଲଙ୍କୁ ପ୍ରେମ କରିବା ସହିତ ନିଜ ଉତମ କର୍ମ, ମାନବ ଜାତି ସହ ଦୟା ଓ ପ୍ରେମ ଆଚରଣ କରିବା । ଅଲ୍ଲାଃତାଲା ଆମ୍ଭକୁ ଏହାର ଶକ୍ତି ପ୍ରଦାନ କରନ୍ତୁ ।

• • • • • • • • • • • •

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷରସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂତ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

• • • • • • • • • • • •

ପୃଷ୍ଠା-୮ ର ଅବଶିଷ୍ଟାଂଶ.....

ପ୍ରତ୍ୟେକ ସ୍ଥାନରେ ନ୍ୟାୟର ହ୍ରାସ ହେଉଛି । ହଜୁର୍ ଅନୁୱର୍ ଦୁଆ କଲେ ଯେ ଅଲ୍ଲାଃତାଲା ଆପଣଙ୍କୁ ପ୍ରତ୍ୟେକ ଭଲ କାମରେ ସାହାଯ୍ୟ କରନ୍ତୁ ଯାହା ଆପଣ କରୁଛନ୍ତି । ଏବଂ ଅଲ୍ଲାଃତାଲା ଆପଣଙ୍କୁ ଶକ୍ତି ପ୍ରଦାନ କରନ୍ତୁ ଯେ ଆପଣ ଏପରି ପଦକ୍ଷେପ ଉଠାନ୍ତୁ ଯେ ଯାହା ଦୁନିଆକୁ ଶାନ୍ତିର ନିକଟତର କରାଇବ ।

ଏଥିରେ ପ୍ରଧାନମନ୍ତ୍ରୀ କହିଲେ- ଆମର ମଧ୍ୟ ଏହି ଇଛା ଅଛି । ପ୍ରଧାନମନ୍ତ୍ରୀଙ୍କର ହଜୁର୍ ଅନୁୱର୍ ଅ:ବ:ଅଙ୍କ ସହିତ One to One ସାକ୍ଷାତ ପାଖାପାଖି ୧୫ ମିନିଟ୍ ପର୍ଯ୍ୟନ୍ତ ଜାରି ରହିଲା ଏହା ପରେ ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୋଡ଼ୋ ହଜୁର୍ ଅନୁୱର୍ ଅ:ବ:ଅଙ୍କୁ ପାଖରେ ଥିବା କକ୍ଷକୁ ନେଇ ଆସିଲେ । ଯେଉଁଛି ନିମ୍ନଲିଖିତ ଛଅ ଜଣ ମନ୍ତ୍ରୀ ଉପସ୍ଥିତି ଥିଲେ ।

(୧)ମାନ୍ୟବର ନୌଦିପ ବେନ୍‌ସ (ମିନିଷ୍ଟର୍ ଅଫ୍ ଆନିଓ୍ୱେସନ୍ ସାଇନସ୍ ଆଣ୍ଡ୍ ଇକୋନୋମିକ୍ ଡ଼ିପାର୍ଟମେଂଟ୍)

(୨)ମାନ୍ୟବର କ୍ରିଷ୍ଟି ଡାନ୍‌କନ୍ (ମିନିଷ୍ଟର୍ ଅଫ୍ ସାଇନସ୍)

(୩)ମାନ୍ୟବର ହର୍‌ଜିତ୍ ସଜ୍ଜନ୍ (ମିନିଷ୍ଟର୍ ଅଫ୍ ଡ଼ିଫେନ୍‌ସ୍)

(୪)ମାନ୍ୟବର ମିଲାନି ଜୁଲି (ମିନିଷ୍ଟର୍ ଅଫ୍ ହେରିଟେଜ୍)

(୫)ମାନ୍ୟବର ଜାନ୍ ମଲ୍‌କୁଲମ୍ (ମିନିଷ୍ଟର୍ ଅଫ୍ ଇମିଗ୍ରେସନ୍ ସିଟିଜେନ୍‌ସିପ୍ ଅଣ୍ଡ ରିଫ୍ୟୁଜିଦ୍)

(୬)ମାନ୍ୟବର କାର୍ଲା କ୍ୱାଲ୍ ଥ୍ରୋ (ମିନିଷ୍ଟର୍ ଅଫ୍ ସ୍ପୋର୍ଟସ୍)

ଏତଦ୍‌ବ୍ୟତୀତ ପାର୍ଲିଆମେଂଟ୍ ମେମ୍ବର୍ ମାନ୍ୟବର ଯୋଡ଼ି ଶିଗ୍ରୋ ମଧ୍ୟ ଉପସ୍ଥିତ ଥିଲେ । ଏହି କକ୍ଷରେ ପ୍ରଧାନମନ୍ତ୍ରୀ ଏବଂ ଅନ୍ୟାନ୍ୟ ଛଅ ଜଣ ମିନିଷ୍ଟର୍‌ଙ୍କ ସହିତ ହଜୁର୍ ଅନୁୱର୍‌ଙ୍କ ସାକ୍ଷାତ୍‌କାର ପାଖାପାଖି ଅଧଘଂଟା ପର୍ଯ୍ୟନ୍ତ ଜାରି ରହିଲା ।

ପ୍ରଧାନମନ୍ତ୍ରୀ ହଜୁର୍ ଅନୁୱର୍ ଅ:ବ:ଅଙ୍କୁ ଦ୍ୱିତୀୟ ଥର ସ୍ୱାଗତ ଜଣାଇଲେ । ଏବଂ ଯମାତ୍‌ର ସେବା ବିଷୟରେ ଚର୍ଚ୍ଚା କରି ଜଣାଇଲେ ଯେ ଅହେମଦୀୟା ଯମାତ୍ ଏପରି ଗୋଟିଏ କମ୍ୟୁନିଟି ଯାହା ସଂସାରରେ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ଚେଷ୍ଟାରତ ।

ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଆପଣଙ୍କୁ ମଧ୍ୟ ବହୁତ ଧନ୍ୟବାଦ । ମୁଁ ବିଶେଷ ରୂପେ ଆପଣଙ୍କୁ ଧନ୍ୟବାଦ ଅର୍ପଣ କରୁଛି । ଆପଣ ଅହେମଦୀ ଶରଣାର୍ଥୀମାନଙ୍କୁ ଗ୍ରହଣ କରିଛନ୍ତି । ଶିରିଆରୁ ଆସିଥିବା ପରିବାର ଗୁଡିକ ଏବଂ ଲାହୋର୍‌ରେ ଶହିଦ୍ ହୋଇଥିବା ପରିବାର ଗୁଡିକୁ ମଧ୍ୟ ଆପଣ ଗ୍ରହଣ କରିଛନ୍ତି ।

ହଜୁର୍ ଅନୁୱର୍ ପ୍ରଧାନମନ୍ତ୍ରୀଙ୍କୁ କହିଲେ ଯେ ୨୦୧୨ ରେ ମୁଁ ଯେତେବେଳେ ପ୍ରଥମଥର ପାଇଁ ଆପଣଙ୍କ ସହିତ ସାକ୍ଷାତ୍ କରିଥିଲି ସେତେବେଳେ ମୁଁ ଆପଣଙ୍କ ପାଇଁ ପ୍ରାର୍ଥନା କରିଥିଲି ଏବଂ କହିଥିଲି ଯେ ଆପଣ ଦିନେ ପ୍ରଧାନମନ୍ତ୍ରୀ ହେବେ । ମୁଁ ଜାଣିନି ଆପଣଙ୍କର ଏହା ମନେ ଅଛି କି ନାହିଁ । ଏଥିରେ ପ୍ରଧାନମନ୍ତ୍ରୀ କହିଲେ ମୋର ବହୁତ ଭଲ ରୂପେ ମନେ ଅଛି ।

ହଜୁର୍ ଅନୁୱର୍ କହିଲେ ମୋତେ ସେତେବେଳେ ମଧ୍ୟ ଜଣାଥିଲା ଯେ ଆପଣ ସେମାନଙ୍କ ମଧ୍ୟରେ ସାମିଲ୍ ଅଛନ୍ତି ଯେଉଁମାନେ ମାନବିକ ଅଧିକାରକୁ ସମ୍ମାନ ଦେଉଛନ୍ତି । ଏଥିରେ ପ୍ରଧାନମନ୍ତ୍ରୀ ହଜୁର୍ ଅନୁୱର୍‌ଙ୍କୁ ଧନ୍ୟବାଦ ଜଣାଇଲେ ଏବଂ କହିଲେ ଯେ ମୁଁ ଏହା ମଧ୍ୟ କହିପାରିବି ଯେ ପ୍ରତ୍ୟେକ ପାର୍ଟି ଯମାତ୍ ଅହେମଦୀୟାକୁ ସମର୍ଥନ କରୁଛି । ଅହେମଦୀଙ୍କର ତତ୍ୱ ଏବଂ କାର୍ଯ୍ୟାବଳୀକୁ ଆମେ ପ୍ରଶଂସା କରୁଛୁ ।

ଅନ୍ୟ ସମସ୍ତ ମିନିଷ୍ଟର୍‌ମାନେ ଜଣ ଜଣ ହୋଇ ନିଜର ପରିଚୟ ପ୍ରଦାନ କଲେ । ହଜୁର୍ ଅନୁୱର୍‌ଙ୍କ ପାଖରେ ମିନିଷ୍ଟର୍ ଅଫ୍ ହେରିଟେଜ୍ ମାନ୍ୟବର୍ ମିଲାନି ଜୁଲି ବସିଥିଲେ । ସେ କହିଲେ ଆସନ୍ତା ବର୍ଷ କାନାଡ଼ାର ୧୫୦ତମ ଆନିଭର୍ଷରି ଆମେ ପାଳନ କରିବାକୁ ଯାଉଛୁ । ମୋତେ ଆଶା ଅଛି ଯେ ଅହେମଦୀୟା କମ୍ୟୁନିଟି ଏଥିରେ ସମ୍ପୂର୍ଣ୍ଣ ଭାଗ ନେବେ ।

ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଯମାତ୍ ଅହେମଦୀୟା କାନାଡ଼ା ମଧ୍ୟ ନିଜର ୫୦ତମ ବର୍ଷ ପାଳନ କରୁଅଛି ଏବଂ ଏହାର ଉତ୍ସବ ପାଳନ କରାଯାଉଅଛି । ଏ ବର୍ଷ ଏହାର ୪୦ ତମ ଜଲ୍‌ସା ସାଲାନା ଥିଲା । ଯୁକେ ରେ ଆମେ ଏ ବର୍ଷ ୫୦ତମ ଜଲ୍‌ସା ସାଲାନା ପାଳନ କରିଥିଲୁ ଯେଉଁଥିରେ ୩୮ ହଜାର୍‌ରୁ ଅଧିକ ଲୋକ ସାମିଲ୍ ହୋଇଥିଲେ । ସେହିପରି କାନାଡ଼ାର ଜଲ୍‌ସାରେ ୨୫ ହଜାର୍ ଲୋକ ଉପସ୍ଥିତ ଥିଲେ ।

ପ୍ରଧାନମନ୍ତ୍ରୀ ପ୍ରଶ୍ନ କରିଲେ ଯେ କାନାଡ଼ା ଏବଂ ଯୁକେ ରେ ରହୁଥିବା ଅହେମଦୀ କମ୍ୟୁନିଟିଙ୍କ ମଧ୍ୟରେ କଣ କିଛି ପାର୍ଥକ୍ୟ ଅଛି ? ଉତରରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଦୁଇଟି ଦେଶ ମଧ୍ୟରେ ସରକାରୀ ସ୍ତରରେ ଆମର ଭଲ ସମ୍ପର୍କ ଅଛି ଯୁକେରେ ସର୍ବପ୍ରଥମେ ଅହେମଦିୟା ପାର୍ଲିମାନି ଗ୍ରୁପ୍ ତିଆରି ହୋଇଥିଲା । ବର୍ତମାନ କାନାଡ଼ାରେ ଏହା ତିଆରି ହୋଇଛି । କାନାଡ଼ାର ଅହେମଦୀ ଯୁକେ ର ଅହେମଦୀଙ୍କ ଠାରୁ କମ୍ ହେବେ । କିନ୍ତୁ ଏଠି ସରକାରଙ୍କ ସହିତ ଯେଉଁ ସୁସମ୍ପର୍କ ଅଛି ଏବଂ ସରକାରଙ୍କର ଯେଉଁ ରେସ୍‌ପନ୍‌ସ ଅଛି ତାହା ଯୁକେ ଠାରୁ ଅଧିକ ।

ହଜୁର୍ ଅନୁୱର୍ କହିଲେ ଯୁକେ ରେ କିଛି ମୁସଲମାନ ମାନଙ୍କର ଗୋଷ୍ଠୀ ଅଛନ୍ତି ସେମାନେ ଚାହୁଁ ନାହାଁନ୍ତି ଯେ ସରକାରଙ୍କ ସହିତ ଆମର ଭଲ ସମ୍ପର୍କ ରହୁ । ଯେବେ କି ଆମେ ଚାହୁଁଛୁ ଯେ ମାନବିକ ସମ୍ମାନର ପ୍ରତିଷ୍ଠା ପାଇଁ ସମସ୍ତେ ମିଳିମିଶି କାମ କରନ୍ତୁ । ନିଜ ଭିତରେ ଏକତା ରହିବା ଦ୍ୱାରା ଏହା ବହୁତ ଭଲ ରୂପେ ହୋଇଥାଏ । ହଜୁର୍ ଅନୁୱର୍ କହିଲେ ବାକି ଅନ୍ୟାନ୍ୟ ଧର୍ମ ସହିତ ଏଠାରେ ଏବଂ ଯୁକେରେ ମଧ୍ୟ ଆମର ଉତମ ସମ୍ପର୍କ ଅଛି ।

ପ୍ରଧାନମନ୍ତ୍ରୀ ହଜୁର୍ ଅନୁୱର୍‌ଙ୍କୁ ପ୍ରଶ୍ନ କଲେ ଯେ ଆପଣ ଏପରି ଗୋଟିଏ ତନ୍‌ଜିମ୍ ଯାହାର ବିରୋଧ ହୋଇଥାଏ । ତେବେ ମୁଁ ଆପଣଙ୍କୁ ପଚାରିବାକୁ ଚାହେଁ ଯେ ଆପଣ ଅନ୍ୟାନ୍ୟ ଅଳ୍ପ ସଂଖ୍ୟକ ଇସୁ ଗୁଡିକୁ କିପରି ବିବେଚନା କରନ୍ତି । ଉଦାହରଣ ସ୍ୱରୂପ ଜେଣ୍ଡର୍ ଇସୁ, ଇକୋନୋମିକ୍ ଇସୁ ଇତ୍ୟାଦି । ସେହି ପରି ରିଲିଜିଅସ୍ ଫ୍ରିଡମ୍ ଅଛି । ଉକ୍ତ ବିଷୟରେ ଆମର ପଥ ପ୍ରଦର୍ଶନ କରାନ୍ତୁ ।

ଏହାର ଉତରରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଆପଣ ଗୋଟିଏ ପ୍ରଶ୍ନରେ ବହୁତ ଗୁଡ଼ିଏ ଇସୁ ସାମିଲ୍ କରିଛନ୍ତି । ଆମକୁ ସବୁଗୁଡିକ ଅଲଗା ଅଲଗା ଦେଖିବାକୁ ହେବ । ହଜୁର୍ ଅନୁୱର୍ କହିଲେ ମୁଁ ଜଣେ ଧାର୍ମିକ ବ୍ୟକ୍ତି ହିସାବରେ ଏବଂ ଇସ୍‌ଲାମୀୟ ଶିକ୍ଷା ମୁତାବକ ଏହା କହିବି ଯେ ପ୍ରତ୍ୟେକଙ୍କୁ ଧର୍ମୀୟ ସ୍ୱାଧୀନତା ମିଳିବା ଉଚିତ୍ । ଉଦାହରଣ ସ୍ୱରୂପ ପ୍ରତ୍ୟେକ ସ୍ତ୍ରୀ ଲୋକଙ୍କୁ ସମ୍ପୂର୍ଣ୍ଣ ଶିକ୍ଷା ହାସଲ କରିବାର ଅଧିକାର ଅଛି । କିନ୍ତୁ କିଛି ଧର୍ମୀୟ ମାମଲା ଏପରି ଅଛି ଯାହା ଉପରେ ସରକାର ହସ୍ତକ୍ଷେପ କରିବା ଉଚିତ୍ ନୁହେଁ । ଯେପରି ହେଜାବ୍ ଅଟେ । ସେଗ୍ରେଗେସନ୍ (ବିଚ୍ଛିନ୍ନୀକରଣ), ପୁରୁଷ ଓ ସ୍ତ୍ରୀ ବିଭିନ୍ନ ପ୍ରୋଗ୍ରାମ୍‌ରେ ଅଲଗା ଅଲଗା ହଲ୍‌ରେ ବସୁଛନ୍ତି । ହଜୁର୍ ଅନୁୱର୍ କହିଲେ ସେଗ୍ରେଗେସନ୍‌ର ଯେଉଁ ଇସୁ ଅଛି ଆପଣଙ୍କୁ ଦେଖିବାକୁ ହେବ ଯେ ସ୍ତ୍ରୀ ଲୋକମାନେ କଣ ଚାହୁଁଛନ୍ତି । ଯଦି ସେମାନେ ଅଲଗା ବସିବାକୁ ଚାହୁଁଛନ୍ତି ଏବଂ ଅଲଗା ବସିବା ଦ୍ୱାରା ତାଙ୍କୁ ଆରାମ ମିଳୁଛି ଏବଂ ସ୍ୱାଧୀନ ମନେ କରୁଛନ୍ତି ତେବେ ସରକାରଙ୍କୁ ଏହା ଉପରେ ରୋକ୍ ଲଗାଇବା ଉଚିତ୍ ନୁହେଁ । ହଜୁର୍ ଅନୁୱର୍ କହିଲେ ଯେ ଆପଣ ଇକୋନୋମିକ୍ ଇସୁ କଥା କହିଛନ୍ତି । ଏହା ମୋ ପାଇଁ ଗୋଟିଏ ବହୁତ ବଡ଼ ଇସୁ ଅଟେ । ଆର୍ଥିକ ସଂକଟ ଦ୍ୱାରା କିଛି ଯୁବକ ବିଷାଦଗ୍ରସ୍ତ ହୋଇ କଠୋରପନ୍ଥୀ ଗୋଷ୍ଠୀ ଆଡ଼କୁ ଢ଼ଳି ଯାଉଛନ୍ତି । ଇରାକ୍ ଯୁଦ୍ଧ ପରେ ଏହି ଇସୁ କିଛି ମାତ୍ରାରେ ବଢ଼ିଛି । ପୁଣି ୯/୧୧ ଘଟଣା ପରେ ଆହୁରି ଅଧିକ ବଢ଼ିଛି । କିଛି ନୂଆ ଗୋଷ୍ଠୀ ତିଆରି ହୋଇଛି ।

ହଜୁର୍ ଅନୁୱର୍ କହିଲେ ମୋ ମତରେ ୨୦୦୮ ଇକୋନୋମିକ୍ କ୍ରାଇସିସ୍ ପରେ ସନ୍ତ୍ରାସବାଦ ଅଧିକ ବଢ଼ିଛି ଏବଂ ଦାଇଶ୍ ପ୍ରତିଷ୍ଠା ହୋଇଛି । ଏହାପରେ ଆରବ ସ୍ପ୍ରିଙ୍ଗ୍ ମଧ୍ୟ ହୋଇଛି । ମୁଁ ଭାବୁଛି ସନ୍ତ୍ରାସବାଦ୍ ଗୋଷ୍ଠୀ ଯୁବପିଢ଼ୀଙ୍କ ଅଶାନ୍ତି ଏବଂ ବିଷାଦରୁ ଲାଭ ଉଠେଇଛି । ଯୁଗଗୋଷ୍ଠୀଙ୍କ ପାଖରେ ରୋଜଗାର ନଥିଲା । ଇକୋନୋମିକ୍ କ୍ରାଇସିସ୍ ଯୋଗୁଁ ବହୁତ ଲୋକ ନିଜ ରୋଜଗାରରୁ ବଂଚିତ ହେଲେ । ଏଥିରୁ ଲାଭ ଉଠାଇ କଠୋରପନ୍ଥୀ, ସନ୍ତ୍ରାସବାଦ୍ ତନ୍‌ଜିମ୍ ଗୋଷ୍ଠୀ ସେହି ଯୁବଗୋଷ୍ଠୀଙ୍କୁ ଟଙ୍କାର ଲୋଭ ଦେଖାଇଲେ । ତେଣୁ ବହୁତ ଲୋକ ଯାଇ ସନ୍ତ୍ରାସବାଦ ଗୋଷ୍ଠୀରେ ମିଶିଗଲେ ।

ହଜୁର୍ ଅନୁୱର୍ କହିଲେ ମୁଁ କାନାଡ଼ା ପ୍ରସଙ୍ଗରେ ପଢ଼ିଥିଲି ଯେ ଏଠାରୁ ଯେଉଁମାନେ ଇରାକ୍ ଓ ଶିରିଆରେ ସନ୍ତ୍ରାସବାଦ କାର୍ଯ୍ୟପାଇଁ ଯାଇଛନ୍ତି ସେଥିମଧ୍ୟରୁ ଶତକଡ଼ା ୨୦ ଭାଗ ସ୍ତ୍ରୀ ଲୋକ ଅଟନ୍ତି । ଏହା ବହୁତ ଭୟାନକ ବିଷୟ ଅଟେ । ଯଦି ସ୍ତ୍ରୀମାନେ ରେଡ଼୍ କ୍ଲାଏଜ୍ ହେଉଛନ୍ତି ତେବେ

ଅବଶିଷ୍ଟାଂଶ ପୃଷ୍ଠା-୨ ରେ ଦେଖନ୍ତୁ....

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com
website:www.akhbarbadarqadian.in
:www.alislam.org

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
The Weekly Qadian **BADAR** ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516
Postal Reg. No.GDP-40/2017-2019 Vol.2 Thursday 27 APRIL 2017 Issue No. 17

MANAGER
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com
www.alislam.org/badr
ANNUAL SUBSCRIPTION:Rs.300/-

# କାନାଡ଼ିଆନ୍ ପାର୍ଲିଆମେଂଟ୍‌ରେ ପ୍ରଧାନମନ୍ତ୍ରୀ କାନାଡ଼ାଙ୍କ ସହିତ ହଜୁର ଅନୁଓ୍ୱର୍‌ଙ୍କ ସାକ୍ଷାତ୍‌କାର୍ ଏବଂ ହଜୁର୍ ଅନୁଓ୍ୱର୍‌ଙ୍କର ମହତ୍ୱପୂର୍ଣ୍ଣ ଉପଦେଶାବଳୀ ।

ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୋଡ଼ୋ:- ମୋର ବହୁତ ବଡ଼ ଭାଗ୍ୟ ଯେ ମୁଁ ଆଜି ଖଲିଫତୁଲ୍ ମସିହ୍‌ଙ୍କୁ ନିଜ ଦେଶରେ ଓ୍ୱେଲ୍‌କମ୍ କରୁଅଛି । ଆପଣଙ୍କ କମ୍ୟୁନିଟି ''ପ୍ରେମ ସଭିଙ୍କ ପାଇଁ, ଘୃଣା କାହାକୁ ନାହିଁ'' ର ବାର୍ତା ସାରା ଦୁନିଆରେ ପ୍ରସାର କରି ଚାଲିଛି । ଆମକୁ ଆପଣଙ୍କ କମ୍ୟୁନିଟି ଉପରେ ବହୁତ ଗର୍ବ ଅନୁଭବ ହେଉଛି । ଆପଣମାନେ କାନାଡ଼ାର ଉନ୍ନତିରେ ଭାଗ ନେଉଅଛନ୍ତି ।* ହଜୁର୍ ଅନୁଓ୍ୱର:-ମୁଁ ଆପଣଙ୍କୁ ଧନ୍ୟବାଦ୍ ଦେବାକୁ ଚାହୁଁଛି ଯେ ଆପଣ ଖୋଲା ହୃଦୟର ସହିତ ଏପରି ସ୍ୱାଗତ କରିଲେ । ଆପଣ ପ୍ରଧାନମନ୍ତ୍ରୀ ନିର୍ବାଚିତ ହେବା ପରେମୋତେ ଆପଣଙ୍କୁ ପ୍ରତ୍ୟକ୍ଷରେ ମୁବାରକ୍‌ବାଦୀ ଦେବାପାଇଁ ମୌକା ମିଳିପାରିଲା ନାହିଁ । ବର୍ତମାନ ମୁଁ ଆପଣଙ୍କୁ ମୁବାରକ୍‌ବାଦ୍ ଦେଉଛି । ମୁଁ ଚିଠି ଦ୍ୱାରା ମୁବାରକ୍‌ବାଦୀ (ଶୁଭେଚ୍ଛା) ପଠାଇଦେଇଥିଲି ।* ପ୍ରଧାନମନ୍ତ୍ରୀ:-ହଜୁର୍ ଅନୁଓ୍ୱର୍‌ଙ୍କୁ ଧନ୍ୟବାଦ୍ । ଆପଣ ପ୍ରତ୍ୟେକ ପ୍ରକାର କଠୋରପନ୍ଥୀତାକୁ ତିରସ୍କାର କରୁଛନ୍ତି । ଆପଣମାନେ ଦେଶର ନିଷ୍ଠାବାନ୍ ବ୍ୟକ୍ତି ଅଟନ୍ତି ।* ହଜୁର୍ ଅନୁଓ୍ୱର:- ଆପଣଙ୍କ ଅଲ୍ଲାଃତାଲା ଶକ୍ତି ପ୍ରଦାନ କରନ୍ତୁ ଯେ ଆପଣ ଏପରି ପଦକ୍ଷେପ ଉଠାନ୍ତୁ ଯାହା ସଂସାରକୁ ଶାନ୍ତି ପଥରେ ଅଗ୍ରସର କରାଇବ । * ପ୍ରଧାନମନ୍ତ୍ରୀ:-ଆମର ମଧ୍ୟ ଏହି ଇଚ୍ଛା ଅଛି ।* ହଜୁର୍ ଅନୁଓ୍ୱର:- ୨୦୧୨ ରେ ଯେତେବେଳେ ମୁଁ ପ୍ରଥମ ଥର ପାଇଁ ଏଠାକୁ ଆସିଥିଲି ସେ ସମୟରେ ମୁଁ ଆପଣଙ୍କ ପାଇଁ ଦୁଆ କରିଥିଲି ଏବଂ କହିଥିଲି ଯେ ଆପଣ ଦିନେ ପ୍ରଧାନମନ୍ତ୍ରୀ ହେବେ, ଆପଣଙ୍କୁ ମନେ ଅଛି ନା ନାହିଁ ମୁଁ ଜାଣିନି ।* ପ୍ରଧାନମନ୍ତ୍ରୀ:-ମୋର ଭଲଭାବେ ମନେଅଛି ।*

## ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୋଡ଼ୋଙ୍କର ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍‌କାର

ତା-୧୭ ଅକ୍ଟୋବର ୨୦୧୬ ରିଖ ଦିନ ହଜୁର ଅନୁଓ୍ୱର ଅ:ବ:ଅ କାନାଡ଼ାର ପାର୍ଲିଆମେଂଟ୍ ''ପାର୍ଲିଆମେଂଟ୍ ହିଲ୍''ରେ ପଦାର୍ପଣ କଲେ । ହଜୁର୍ ଅନୁଓ୍ୱର୍‌ଙ୍କୁ ପାର୍ଲିଆମେଂଟ୍‌ରେ ଭବ୍ୟ ସ୍ୱାଗତ କରାଗଲା । ପାର୍ଲିଆମେଂଟ୍‌ରେ ବିଭିନ୍ନ ସିନେଟ୍ ଓ ମିନିଷ୍ଟର୍ ହଜୁର୍‌ଙ୍କ ସହିତ ସାକ୍ଷାତ୍ କଲେ । ହଜୁର୍ ଅନୁଓ୍ୱର ପାର୍ଲିଆମେଂଟ୍‌ରେ ଦୁନିଆର ଅବସ୍ଥା ଏବଂ ଶାନ୍ତି ପ୍ରତିଷ୍ଠା ପ୍ରସଙ୍ଗରେ ବିଜ୍ଞତାପୂର୍ଣ୍ଣ ଭାଷଣ ପ୍ରଦର୍ଶନ କଲେ । ହଜୁର୍ ଅନୁଓ୍ୱର୍‌ଙ୍କ ଭାଷଣକୁ ଜ୍ଞାନୀ, ରାଜନିତୀଜ୍ଞ ଏବଂ ଜୀବନର ବିଭିନ୍ନ ବିଭାଗରେ ସମ୍ପର୍କ ରଖିଥିବା ଲୋକମାନେ ବହୁତ ପସନ୍ଦ କଲେ ଏବଂ ନିଜର ସୁନ୍ଦର ଭାବ ବ୍ୟକ୍ତ କଲେ । ହଜୁର୍ ଅନୁଓ୍ୱର୍‌ଙ୍କର ଉକ୍ତ ଦିନର କାର୍ଯ୍ୟାବଳୀ ବହୁତ ଇମାନ୍ ଅଫରୋଜ୍ ଥିଲା । ତେଣୁ ପାଠକଙ୍କ ନିମନ୍ତେ ଉକ୍ତ ଦିନର ସମ୍ପୂର୍ଣ୍ଣ କାର୍ଯ୍ୟାବଳୀ ଆସନ୍ତା କିଛି ଅଙ୍କରେ ଧାରାବାହିକ ରୂପେ ପ୍ରକାଶ କରାଯାଉଅଛି । (ଏଡ଼ିଟର୍)

### ଚତୁର୍ଥ ଭାଗ
### ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୋଡ଼ୋଙ୍କ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ୍‌କାର

ଏହାପରେ ପ୍ରୋଗ୍ରାମ୍ ମୁତାବକ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ କାନାଡ଼ାର ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୋଡ଼ୋଙ୍କର ସାକ୍ଷାତ୍‌କାର୍ ଥିଲା । ହଜୁର୍ ଅନୁଓ୍ୱର୍ ଅ:ବ:ଅ ପାର୍ଲିଆମେଂଟ୍‌ର ତୃତୀୟ ମହଲାର କ୍ୟାବିନେଟ୍ ରୁମ୍‌ରେ ପଦାର୍ପଣ କଲେ । ଯେଉଁଠି ପ୍ରଧାନମନ୍ତ୍ରୀ ହଜୁର୍ ଅନୁଓ୍ୱର୍‌ଙ୍କ ଆଗମନକୁ ଅପେକ୍ଷା କରିଥିଲେ ।

ପ୍ରଧାନମନ୍ତ୍ରୀ ହଜୁର୍ ଅନୁଓ୍ୱର୍‌ଙ୍କୁ ସ୍ୱାଗତ ଜଣାଇଲେ । ଏବଂ କହିଲେ ଯେ ମୋର ବହୁତ ବଡ଼ ଭାଗ୍ୟ ମୁଁ ଆଜି ଖଲିଫତୁଲ୍ ମସିହ୍‌ଙ୍କୁ ନିଜ ଦେଶରେ ଓ୍ୱେଲ୍‌କମ୍ କରୁଅଛି । ମୁଁ ଏକଥା ଜାଣିଛି ଯେ ଆପଣଙ୍କ କମ୍ୟୁନିଟି 'ମୋହବତ୍ ସବ୍‌କେ ଲିଏ, ନଫରତ୍ କିସି ସେ ନେହିଁ' ର ବାର୍ତା ସାରା ସଂସାରରେ ପ୍ରସାର କରି ଚାଲିଛି । ମୋତେ ଏହା ମଧ୍ୟ ଜଣାଇ ଦିଆଯାଇଛି ଯେ ଆପଣଙ୍କର ଏହି କାନାଡ଼ା ଗ୍ରସ୍ତ ବହୁତ ଲମ୍ବା ଗ୍ରସ୍ତ ଅଟେ । ଆପଣ ଟୋରାଂଟୋ ପରେ ସିସ୍‌କାଟୋନ୍ ଓ କେଲ୍‌ଗିରୀ ମଧ୍ୟ ଯାଉଛନ୍ତି । ଆମକୁ ଆପଣଙ୍କ କ୍ମ୍ୟୁନିଟି ପାଇଁ ବହୁତ ଗର୍ବ ଅନୁଭବ ହେଉଛି ଯେ ଆପଣମାନେ କାନାଡ଼ାର ଉନ୍ନତିରେ ଭାଗ ନେଉଅଛନ୍ତି । ହଜୁର୍ ଅନୁଓ୍ୱର୍‌ଙ୍କର ଲିଡ଼ର୍‌ସିପ୍‌ରେ ଖୁସି ଅଛନ୍ତି ଏବଂ ବହୁତ ଆଦର ଓ ସମ୍ମାନ କରୁଛନ୍ତି ।

ହଜୁର୍ ଅନୁଓ୍ୱର୍ କହିଲେ ମୁଁ ଆପଣଙ୍କୁ ଧନ୍ୟବାଦ ଦେବାକୁ ଚାହୁଁଛି ଯେ ଆପଣ ଖୋଲା ହୃଦୟର ସହିତ ଓ୍ୱେଲ୍‌କମ୍ କରିଲେ । ଆପଣ ପ୍ରାଇମ୍‌ମିନିଷ୍ଟର୍ ନିର୍ବାଚିତ ହେବା ପରେ ମୋତେ ପ୍ରତ୍ୟକ୍ଷରେ ଆପଣଙ୍କୁ ଶୁଭେଚ୍ଛା ଦେବାପାଇଁ ମୌକା ମିଳିନଥିଲା । ବର୍ତମାନ ମୁଁ ଆପଣଙ୍କୁ ମୁବାରକ୍‌ବାଦ୍ ଦେଉଛି । କାରଣ ଏବେ ମୋତେ ମୌକା ମିଳିଛି । ପୁଣି ହଜୁର୍ ଅନୁଓ୍ୱର୍ କହିଲେ ମୁଁ ଚିଠି ମାଧ୍ୟମରେ ମୁବାରକ୍‌ବାଦୀ ପଠାଇ ଦେଇଥିଲି । ଏହାର ଉତରରେ ପ୍ରଧାନମନ୍ତ୍ରୀ ହଜର୍ ଅନୁଓ୍ୱର୍‌ଙ୍କୁ ଧନ୍ୟବାଦ ଅର୍ପଣ କଲେ ।

ହଜୁର୍ ଅନୁଓ୍ୱର୍ କହିଲେ-ମୁଁ ପାର୍ଲିଆମେଂଟ୍‌ର ସେସନ୍ ଦେଖିଲି । ମୋତେ ବହୁତ ଭଲ ଲାଗିଲା । ମୁଁ ଏହା ମଧ୍ୟ ଦେଖିଲି ଯେ ଆପଣ ସେ ସମୟରେ ବହୁତ ଶାନ୍ତ ଥିଲେ ।

ଏଥିରେ ପ୍ରଧାନମନ୍ତ୍ରୀ କହିଲେ ପ୍ରଥମରୁ ମୋତେ ବହୁତ ପ୍ରଶ୍ନର ଉତର ଦେବାକୁ ପଡୁଥିଲା । ଚେଷ୍ଟା କରୁଥିଲି ଯେ ମୁଁ କିପରି ଶାନ୍ତ ରହିବି ଏବଂ ଅନ୍ୟମାନଙ୍କର ସମ୍ମାନ ମଧ୍ୟ କରିବି ।

ହଜୁର୍ ଅନୁଓ୍ୱର୍ କହିଲେ ଆପଣ ପାର୍ଲିଆମେଂଟ୍‌ରେ ଏପରି ବିଷୟ ଓ ସମସ୍ୟା ଉପରେ ଚର୍ଚ୍ଚା କଲେ ଯାହା ବର୍ତମାନ ସମୟରେ ଇସୁ ହୋଇଛି । କଠୋରପନ୍ଥୀ ଏବଂ ସନ୍ତ୍ରାସବାଦ ପ୍ରସଙ୍ଗରେ ଆପଣ କଥା କହିଲେ ।

ପ୍ରଧାନମନ୍ତ୍ରୀ କହିଲେ ଅହେମଦୀୟା କମ୍ୟୁନିଟି କାନାଡ଼ାର ପ୍ରଗତି ପାଇଁ ବହୁତ ଭଲ କାମ କରୁଅଛି । ସେଥିପାଇଁ ଆମେ ଗର୍ବୀତ । ଯମାତ୍ ଏଠି ସିରିୟାନ୍ ରିଫ୍ୟୁଜି (ସିରିଆ ଦେଶରୁ ଚାଲିଆସିଥିବା ଶରଣାର୍ଥୀ)ଙ୍କୁ ମଧ୍ୟ ସମ୍ଭାଳିଛନ୍ତି । ଶରଣାର୍ଥୀଙ୍କୁ ସମ୍ଭାଳିବାରେ ଆପଣଙ୍କର କାର୍ଯ୍ୟ ବହୁତ ଉତମ ଅଟେ ।

ପ୍ରଧାନମନ୍ତ୍ରୀ କହିଲେ ଗୋଟିଏ ଉଦାହରଣ ଏହା ଯେ ଆପଣ ପ୍ରତ୍ୟେକ ପ୍ରକାରର କଠୋରପନ୍ଥୀତାକୁ ତିରସ୍କାର କରୁଛନ୍ତି । ଆପଣମାନେ ଦେଶର ନିଷ୍ଠାବାନ୍ ବ୍ୟକ୍ତି ଅଟନ୍ତି । ପ୍ରଧାନମନ୍ତ୍ରୀ କହିଲେ ପୂର୍ବ ସରକାରଙ୍କ ଅଧିନରେ Religious Freedom ନାମରେ ଗୋଟିଏ ଦଫ୍‌ତର୍ (କାର୍ଯ୍ୟାଳୟ) ଥିଲା । ବର୍ତମାନ ଆମେ ଏହି କାର୍ଯ୍ୟାଳୟକୁ ପରିବର୍ତନ କରିଛୁ । କାରଣ ପୂର୍ବ କାର୍ଯ୍ୟାଳୟରେ କିଛି ରାଜନୈତିକ ଲକ୍ଷ୍ୟ ଥିଲା । ଆମେ ଚାହୁଁଛୁ ଯେ ଏହି କାର୍ଯ୍ୟାଳୟର ପ୍ରତିଷ୍ଠାର ଲକ୍ଷ୍ୟ କେବଳ ଇନ୍‌ସାନିୟତ୍ (ମାନବିକତା) ହେବା ଉଚିତ୍ ।

ଏଥିରେ ହଜୁର୍ ଅନୁଓ୍ୱର୍ କହିଲେ ଏହାତ ବହୁତ ଭଲ କଥା । ଦୁନିଆରେ ଏହାର ବହୁତ ଆବଶ୍ୟକତା ଅଛି ।

*ଅବଶିଷ୍ଟାଂଶ ପୃଷ୍ଠା-୭ ରେ ଦେଖନ୍ତୁ....*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan